


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୩ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 23 MARCH 2023
Vol.No. 34 ■ No. 77 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ନୂଆ ବିବାଦ ଭିତରେ ଆମେରିକା ପୂର୍ବ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ

## ସରକାରୀ ଭଣ୍ଡାରରୁ ଦାମୀ ଉପହାର ହେରଫେରରେ କରିଥିବା ଅଭିଯୋଗ



ନୂଆଦିଲ୍ଲୀ, ୨୨/୦୩ : ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପିଛା ଛାଡୁନି ବିବାଦ । ପୁଣି ଏକ ନୂଆ ବିବାଦ ଭିତରେ ଫଶିଛନ୍ତି ଟ୍ରମ୍ପ । ରାଷ୍ଟ୍ରପତି ଥିବା ସମୟରେ ଆମେରିକାର ବିଦେଶୀ ଉପହାର ଭଣ୍ଡାରରେ ଥିବା ବହୁମୂଲ୍ୟ ଉପହାରକୁ ଟ୍ରମ୍ପ ବିକ୍ରି କରି ମୋଟା ଅଙ୍କର ଅର୍ଥ ନିଜ ନାଁରେ କରିଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଅଢ଼େଇ ଲକ୍ଷ ଡଲାର ମୂଲ୍ୟର ଉପହାରକୁ ହେରଫେର କରିଛନ୍ତି ଟ୍ରମ୍ପ । ଯେଉଁଥିରେ ପ୍ରଧାନମନ୍ତ୍ରୀ ମୋଦି ଓ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦେଇଥିବା ଉପହାର ମଧ୍ୟ ରହିଛି । ନିୟମ ଅନୁସାରେ ଆମେରିକାର ରାଷ୍ଟ୍ରପତି ଥିବା ସମୟରେ ଟ୍ରମ୍ପ ଯେଉଁ ଦେଶଗସ୍ତ କରିଥିଲେ ସେଠାରୁ ଅନେକ ଉପହାର ପାଇଥିଲେ । ନିୟମ ଅନୁସାରେ ଏହାକୁ ସରକାରୀ ଭଣ୍ଡାରରେ ରଖାଯାଏ । ଏଥିରୁ ଟ୍ରମ୍ପ ହେରଫେର କରିଥିବା କଂଗ୍ରେସ ସମିତି ଏକ ରିପୋର୍ଟ ସହ ଅଭିଯୋଗ କରିଛି । ରିପୋର୍ଟରେ କୁହାଯାଇଛି ପ୍ରାୟ ୧ହଜାର ଉପହାରର ତଥ୍ୟ ଟ୍ରମ୍ପ ଦେଇ ନାହାଁନ୍ତି । ୨୦୧୭ରୁ ୨୧ ପର୍ଯ୍ୟନ୍ତ ଆମେରିକାର ରାଷ୍ଟ୍ରପତି ଥିଲେ ଡୋନାଲ୍ଡ ଟ୍ରମ୍ପ ।

### ଜାଗା ମିଶନ ହିତାଧିକାରୀ ତାଲିକାରେ ଅଛନ୍ତି ଧନୀ : କଂଗ୍ରେସ

ଭୁବନେଶ୍ୱର, ୨୨/୦୩ (ନି.ପ୍ର): ୨୦୧୭ ମସିହା ସୁଦ୍ଧା ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ସହରାଂଚଳ ୧୮ଲକ୍ଷରୁ ଅଧିକ ଲୋକ ବସ୍ତିରେ ବାସ କରୁଛନ୍ତି । ମୁଖ୍ୟମନ୍ତ୍ରୀ ୨୦୨୩ ମସିହା ଡିସେମ୍ବର ମାସ ସୁଧା ଓଡ଼ିଶାକୁ ବସ୍ତିମୁକ୍ତ କରିବାପାଇଁ ପ୍ରକାଶ କରିଥିଲେ । କିନ୍ତୁ ସହରାଂଚଳରେ ବସ୍ତି ବାସକରୁଥିବା ପ୍ରକୃତ ହିତାଧିକାରୀଙ୍କୁ ଚୟନ କରିବା ପରିବର୍ତେ ଯେଉଁମାନଙ୍କର କୋଠା, ଜମିବାଡ଼ି, ମିଠା ଦୋକାନ, ୩-୪ ଚକିଆ ଗାଡ଼ି, ଯେଉଁମାନେ ଘରଭଡ଼ା ଲକ୍ଷାଧିକ ଟଙ୍କା କମାଉଛନ୍ତି ସେମାନଙ୍କୁ ଏହି ହିତାଧିକାରୀ ତାଲିକାରେ ଚୟନ କରାଯାଉଛି । ଏ ରାଜ୍ୟରେ ସ୍ୱଛତାର ▶▶ପୃଷ୍ଠା ୭

## ଶ୍ରୀଜୀଉଙ୍କୁ ଦର୍ଶନ କଲେ ମମତା : ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ



ପୁରୀ/ଭୁବନେଶ୍ୱର, ୨୨/୦୩ (ନି.ପ୍ର): ପୁରୀରେ ପଶ୍ଚିମବଙ୍ଗ ଭବନ ନିର୍ମାଣ ପାଇଁ ଜମି ଦେଖିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ପୁରୀର ବଳିଆପଣ୍ଡା ଅଂଚଳରେ ମୁଖ୍ୟ ସଚିବ ପ୍ରଦୀପ ଜେନା ମମତାଙ୍କୁ ଜମି ଦେଖାଇଛନ୍ତି । ଜମି ଦେଖିବା ପରେ ଏହାକୁ ପସନ୍ଦ କରିଥିବା ମମତା ପ୍ରତିକ୍ରିୟାରେ କହିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେହିପରି ମମତା ବାନାର୍ଜୀ ପୁରୀ ଗସ୍ତରେ ଥିବା ବେଳେ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି । ଆସନ୍ତାକାଲି ମମତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୁବନେଶ୍ୱରରେ ଭେଟିବେ। ତେବେ ଏସମ୍ପର୍କରେ କୌଣସି ସୂଚନା ଦେବାକୁ ମମତା ମନା କରିଛନ୍ତି । ସେହିପରି ତୃତୀୟ ସାମୁଖ୍ୟ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହେବ କି ପ୍ରଶ୍ନର ମଧ୍ୟ ଉତର ଦେଇ ନାହାନ୍ତି ମମତା । ସେ କହିଛନ୍ତି ଯେ ନବୀନଙ୍କୁ ପୂର୍ବରୁ ମଧ୍ୟ ଭେଟିଥିଲି । ଏଥିରେ କିଛି ନୂଆ ନାହିଁ। କିଛି ଦିନ ତଳେ ଓଡିଶାରେ ହକି ବିଶ୍ୱକପ୍ ଆୟୋଜିତ ହୋଇଥିଲା । ଏଠାକୁ ଆସିବାକୁ ନବୀନ ବାବୁ ଜଣେ ମନ୍ତ୍ରୀ ମନ୍ତ୍ରୀଙ୍କୁ ପଠାଇ ନିମନ୍ତ୍ରଣ କରିଥିଲେ । ଓଡିଶା ଗଲେ ସାକ୍ଷାତ କରିବି ବୋଲି ସେତେବେଳେ କହିଥିଲି । ତେଣୁ ଏହା ସମ୍ପୂର୍ଣ୍ଣ ଭାବେ ସୌଜନ୍ୟମୂଳକ ସାକ୍ଷାତ । ଏଥିରେ ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ବଙ୍ଗଳା ଭବନ ନିର୍ମାଣ ସମ୍ପର୍କରେ ଆଲୋଚନା ହେବ ବୋଲି କହିଛନ୍ତି ମମତା ।

### ୨୦୦୨ ଗୁଜରାଟ ଦଙ୍ଗାର ପୀଡିତା ବିଲକିସ ବାନୋଙ୍କୁ ମିଳିଲା ଆଶାର କିରଣ

ନୂଆଦିଲ୍ଲୀ, ୨୨/୦୩ : ୨୦୦୨ ଗୁଜରାଟ ଦଙ୍ଗାର ପୀଡିତା ବିଲକିସ ବାନୋଙ୍କୁ ମିଳିଲା ଆଶାର କିରଣ । ଦୁଷ୍କର୍ମ ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ୧୧ଜଣ ଦୋଷୀଙ୍କୁ ଜେଲରୁ ମୁକ୍ତ କରିବା ଆଦେଶ ବିରୋଧରେ ବିଲକିସ ବାନୋ ଦାୟର କରିଥିବା ପିଟିସନର ଶୁଣାଣୀ ଲାଗି ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିବା ପାଇଁ ଆଜି ସୁପ୍ରିମକୋର୍ଟ ରାଜି ହୋଇଛନ୍ତି । ନୂଆ ଖଣ୍ଡପୀଠ ଗଠନ କରାଯିବ ବୋଲି ବାନୋଙ୍କ ମାମଲାକୁ ପ୍ରତିନିଧିତ୍ୱ କରୁଥିବା ଆଇନଜୀବନୀ ଶୋଭା ଗୁପ୍ତାଙ୍କୁ ପ୍ରଧାନବିଚାରପତି ଡି.ୱାଇ ଚନ୍ଦ୍ରଚୂଡ, ବିଚାରପତି ପିଏସ ନରସିଂହ ଓ ଜେପି ପାରଦୀପୱାଲା ପ୍ରତିଶ୍ରୁତି ଦେଇଛନ୍ତି । ଶୁଣାଣୀ ସମୟରେ ବାନୋଙ୍କ ଓକିଲ କହିଥିଲେ କି ମାମଲାର ଜରୁରୀ ଶୁଣାଣୀ ଆବଶ୍ୟକ ରହିଛି । ଫେବ୍ରୁଆରୀ ମାସରୁ ଆବେଦନ କରାଯାଇଥିଲେ ବି ଏପର୍ଯ୍ୟନ୍ତ ଶୁଣାଣୀ ପାଇଁ ତାଲିକାଭୁକ୍ତ କରାଯାଇନି । ୨୦୦୨ ଗୁଜରାଟ ଦଙ୍ଗା ସମୟରେ ବିଲକିସ ବାନୋଙ୍କୁ ଗଣଦୁଷ୍କର୍ମ କରିବା ସହ ତାଙ୍କର କିଛି ସମ୍ପର୍କୀୟଙ୍କୁ ହତ୍ୟା କରାଯାଇଥିଲା । ଏଥିରେ ୧୧ଜଣଙ୍କ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦାଣ୍ଡ ଭୋଗୁଥିଲେ ।

## ସୋନପୁରରେ ଦୁର୍ଘଟଣାରେ ଗଲା ତିନି ଛାତ୍ରଙ୍କ ଜୀବନ

### ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ : ୩ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା



ଭୁବନେଶ୍ୱର, ୨୨/୦୩ (ନି.ପ୍ର): ନିଜ ଛୁଆକୁ ହରାଇ କାନ୍ଦି କାନ୍ଦି ଲୋଟିପଡୁଛି ମାଆ । ପରିବାର ଠାରୁ ପଡୋଶୀ କାହା ଆଖିରୁ ଲୁହ ଶୁଖୁନାହିଁ । ଏପରି ହୃଦୟ ବିଦାରକ ଘଟଣା ଘଟିଛି ସୋନପୁର ଜିଲ୍ଲା ସଦର ବ୍ଲକସ୍ଥିତ ସରଧାପାଲି ବିଦ୍ୟାଳୟ ନିକଟରେ । ପିଲାଙ୍କୁ ପରୀକ୍ଷା ଦେବା ପାଇଁ ସକାଳୁ ଖୁସିରେ ବିଦା କରିଥିଲେ । କିନ୍ତୁ ପରୀକ୍ଷା ସରିଲା ବେଳକୁ ଆସିଲା ଦୁଃଖ ଖବର । ପରୀକ୍ଷା ଦେଇ ଫେରୁଥିବା ବେଳେ ସ୍କୁଲ ଫାଟକ ନିକଟରେ ଯମଦୂତ ଭଳି ମାଡ଼ି ଆସିଥିଲା ଇନୋଭା କାର । ଦ୍ରୁତ ଗତିରେ ଆସି ମାଡ଼ି ଯାଇଥିଲା ପିଲାଙ୍କ ଉପରେ । ଦୁର୍ଘଟଣାରେ ଷଷ୍ଠଶ୍ରେଣୀରେ ପଢୁଥିବା ସୁବ୍ରତ ଭୋଇ, ରଜେଶ ପେରା ଓ ରାଜା ପେରାଙ୍କ ଜୀବନ ଯାଇଛି । ପିଲାଙ୍କ ମୃତ୍ୟୁ ଖବର ପାଇଁ ବାପାମାଆଙ୍କ ଚେତା ବୁଡ଼ିଯାଇଛି । କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା ସୋନପୁର ଡାକ୍ତରଖାନା । ଅନ୍ୟ ଜଣେ ଛାତ୍ର କପିଳ ଭୋଇଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ସ୍କୁଲର ଫାଟକ ବି ଭାଙ୍ଗି ଯାଇଥିଲା । ଦ୍ରୁତ ଗତି ହିଁ ଛୋଟ ଛୋଟ କୋମଳମତି ପିଲାଙ୍କ ଜୀବନ ନେଇଯାଇଛି । ଆଉ ପରିବାର ଉପରେ ପଡିଛି ଚଡ଼କ । ସୋନପୁର ଉପଜିଲ୍ଲାପାଳ ଘଟଣାସ୍ଥଳ ଓ ▶▶ପୃଷ୍ଠା ୭

## ପୁଣି ମଝି ଆକାଶରେ ମୁହାଁମୁହିଁ ହେଲେ ଦୁଇ ଶକ୍ତିଶାଳୀ ରାଷ୍ଟ୍ର



ନୂଆଦିଲ୍ଲୀ, ୨୨/୦୩ : ମଝି ଆକାଶରେ ପୁଣି ମୁହାଁମୁହିଁ ହେଲେ ବିଶ୍ୱର ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଓ ରଷିଆ । ରୁଷ ସୀମା ନିକଟରେ ପହଁଚିଥିବା ଆମେରିକାର ଶକ୍ତିଶାଳୀ ବି-୫୨ଏଚ ବମ୍ବର ଲଢୁଆ ବିମାନକୁ ତଡିଛି ରୁଷର ସୁଖୋଇ ୩୫ ଜେଟ । ରୁଷ ସୀମାରେ ଆମେରିକାର ବିମାନକୁ ଦେଖିବା ପରେ ରୁଷର ସୁଖୋଇ ୩୫କୁ ଏହାକୁ ରୁଷ ସୀମାରୁ ତଡିଦେଇଥିବା ସୂଚନା ରହିଛି । ଏନେଇ ରଷିଆ ପ୍ରତିରକ୍ଷାମନ୍ତ୍ରାଳୟ ପକ୍ଷରୁ ଭିଡିଓ ଜାରି କରି ସୂଚନା ଦିଆଯାଇଛି । ରୁଷ କହିଛି ଅନ୍ତର୍ରାଷ୍ଟ୍ରୀୟ ସୀମାର ନିୟମକୁ ରୁଷ ସଠିକ ଭାବେ ପାଳନ କରେ । ଯିଏ ନିୟମ ଉଲ୍ଲଂଘନ କରିବ ତାକୁ କଡ଼ା ଯବାବ ଦିଆଯିବ । କିଛି ଦିନ ପୂର୍ବରୁ କୃଷ୍ଣ ସାଗରରେ ଆମେରିକା ଡ୍ରୋନକୁ ନଷ୍ଟ କରିଥିଲା ରୁଷ ।

## ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୦୬ଜଣ ବ୍ୟକ୍ତିଙ୍କୁ ମିଳିଲା ପଦ୍ମ ସମ୍ମାନ

### କେନ୍ଦୁଝରର ମାଗୁଣି କୁଅଁରଙ୍କୁ ପଦ୍ମଶ୍ରୀ ପୁରସ୍କାର



ନୂଆଦିଲ୍ଲୀ, ୨୨/୦୩ : ରାଷ୍ଟ୍ରପତି ଦ୍ରୌପ୍ରଦୀ ମୁର୍ମୁ ବୁଧବାର ରାଷ୍ଟ୍ରପତି ଭବନ ପରିସରରେ ପଦ୍ମ ସମ୍ମାନ ପ୍ରଦାନ କରିଛନ୍ତି । ବର୍ଷ ୨୦୨୩ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୦୬ ଜଣଙ୍କୁ ସମ୍ମାନ ପ୍ରଦାନ କରାଯାଇଛି । ୬ ଜଣଙ୍କୁ ପଦ୍ମ ବିଭୁଷଣ , ୯ ଜଣଙ୍କୁ ପଦ୍ମଭୁଷଣ , ଓ ୯୧ ଜଣଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯାଇଛି । ସେହିପରି ପୁରଷ୍କାର ପାଇଥିବା ଚେହେରା ମଧ୍ୟରେ ୧୯ ଜଣ ମହିଳା ଅଛନ୍ତି । ବାସ୍ତୁକଳା କ୍ଷେତ୍ରରେ ଗୁଜରାଟର ଲୋକପ୍ରିୟ ଆର୍କିଟେକଚର୍ ବାଲକ୍ରିଷ୍ଣ ଦୋଷୀଙ୍କୁ ଓ ବରିଷ୍ଠ ରାଜନେତା ସୋମନହଲ୍ଲି ମଲ୍ଲୟ୍ୟ କ୍ରିଷ୍ଣଙ୍କୁ ଲୋକକାର୍ଯ୍ୟ କ୍ଷେତ୍ର ପାଇଁ ପଦ୍ମ ବିଭୁଷଣଙ୍କୁ ମିଳିଛି । ସେହିପରି ଆଦିତ୍ୟ ଗ୍ରୁପର ଚେୟାରମ୍ୟାନ୍ ଶ୍ରୀ କୁମାର ମଙ୍ଗଲମ୍ ବିରଲାଙ୍କୁ ବ୍ୟବସାୟ କ୍ଷେତ୍ର ପାଇଁ ପଦ୍ମଭୁଷଣ , ମହାରାଷ୍ଟ୍ର ଲୋକପ୍ରିୟ ଗାୟିକା ସୁମନ କଲ୍ୟାଣପୁରଙ୍କୁ ପଦ୍ମଭୁଷଣ ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉପରାଷ୍ଟ୍ରପତି ଜଗଦୀପ ଧନକଡଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଓଡ଼ିଶାର ମାଗୁଣି ଚରଣ କୁଅଁରଙ୍କୁ ପଦ୍ମଶ୍ରୀ ପୁରସ୍କାର ମିଳିଛି । ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଶ୍ରୀ କୁଅଁରଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି ।୬ ଦଶନ୍ଧି ଧରି ବିଲୁପ୍ତପ୍ରାୟ କାଠ କଣ୍ଢେଇ ନୃତ୍ୟକୁ ବଂଚାଇ ରଖିଥିବା କେନ୍ଦୁଝରର ମାଗୁଣିଙ୍କୁ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମଶ୍ରୀରେ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ବୁଧବାର ଦିନ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୫୪ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହାମଧ୍ୟରୁ ୩ ଜଣଙ୍କୁ ପଦ୍ମ ବିଭୂଷଣ, ୪ ଜଣଙ୍କୁ ପଦ୍ମ ଭୂଷଣ ଓ ୪୭ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଛି । ଏହି ଅବସରରେ ଉପରାଷ୍ଟ୍ରପତି ଜଗଦୀପ ଧନକର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରମୁଖ ଉପସ୍ଥିତ ଥିଲେ ।

### ଡିଜେ ଆଜେକ୍ସଙ୍କ ଆତ୍ମହତ୍ୟା ପଛରେ ତ୍ରିକୋଣୀୟ ପ୍ରେମ

ଭୁବନେଶ୍ୱର, ୨୨/୦୩ (ନି.ପ୍ର): ଡିଜେ ଆଜେକ୍ସଙ୍କ ଆତ୍ମହତ୍ୟା ଘଟଣା ରେ ନୂଆ ଟୁଇଷ୍ଟ ଆସିଛି । ଆଜେକ୍ସ ଓରଫ୍ ଅକ୍ଷୟଙ୍କର ଆଉ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରହିଥିବା ଜଣାପଡିଛି । ଗତକାଲି ଜେରା ବେଳେ ଆଜେକ୍ସଙ୍କ ବାନ୍ଧବୀ ପୋଲିସ୍ କୁ ଏହି ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ମୃତ୍ୟୁ ପୂର୍ବରୁ ବାନ୍ଧବୀଙ୍କୁ ଅକ୍ଷୟ ପଠାଇଥିବା ଭଏସ୍ ମ୍ୟାସେଜ୍ ଓ ଫଟୋ ସାମ୍ନାକୁ ଆସିଛି । ବାନ୍ଧବୀଙ୍କର ଅନ୍ୟ ଜଣେ ଯୁବକଙ୍କ ସହ ସମ୍ପର୍କ ଥିବାରୁ ସେ ଦୁଃଖରେ ଥିବା ଭଏସ୍ ମ୍ୟାସଜ୍‌ରୁ ଜଣାପଡିଛି । ଜୀବନ ହାରିବା ପୂର୍ବରୁ ସେ ନିଜ ବାନ୍ଧବୀଙ୍କ ଉଦ୍ଦେଶ୍ୟରେ ଏପରି ଏକ ଭଏସ୍ ମେସେଜ୍ କରିଛନ୍ତି । ଏହାସହ ବାନ୍ଧବୀଭ୍‌କୁ ପଠାଇଥିବା ଫଟୋରେ ଆଜେକ୍ସ ମାନସିକ ଚାପରେ ଥିବା ▶▶ପୃଷ୍ଠା ୭

## ବେଶ ସହ ଠିକଣା ବଦଳାଉଛି ମୋଷ୍ଟ ୱାଣ୍ଟେଡ ଅମ୍ରିତପାଲ ସିଂ : ଅପରାଧୀକୁ ଧରିବା ପାଇଁ ୭ଟି ଫଟୋ ଜାରି କଲା ପଞ୍ଜାବ ପୁଲିସ



ନୂଆଦିଲ୍ଲୀ, ୨୨/୦୩ : ବେଶ ବଦଳାଉଛି ସମସ୍ତଙ୍କୁ ଚକମା ଦେଉଛି । କେବେ ସାଧାସିଧା ପୋଷାକରେ ତ ପୁଣି କେବେ ଦାଢ଼ିରେ । ୭ଟି ଭିନ୍ନ ଭିନ୍ନ ରୁପରେ ନଜର ଆସିଛି ଅମ୍ରିତପାଲ । କେବେ ପଞ୍ଜାବୀ ବେଶଭୁଷାରେ ବୁଲୁଛି ତ ପୁଣି କେବେ ବିନା ପଗଡ଼ି ବେଶରେ ଲୁଚି ରହିଛି । କିଛି ଫଟୋରେ କ୍ଲିନସେଭ ଓ ପୂରା ମଡେଲ ଲୁକରେ ନଜର ଆସୁଛି । ପଞ୍ଜାବର ଏହି ହାଇପ୍ରୋଫାଇଲ ଖଲିସ୍ତାନୀ ତଥା ମୋଷ୍ଟ ୱାଣ୍ଟେଡ ଅପରାଧୀକୁ ଖୋଜୁଛି ରାଜ୍ୟପୁଲିସ ଓ ତଦନ୍ତକାରୀ ସଂସ୍ଥା । ସମସ୍ତ ବଳବୁଦ୍ଧି ପ୍ରୟୋଗ କରି ଅପରାଧୀକୁ ଖୋଜାଯାଉଥିଲେ ବି ସମସ୍ତଙ୍କୁ ଚକମା ଦେଇ ଏବେବି ଫେରାର ରହିଛି ଅମ୍ରିତପାଲ ସିଂ । ମାର୍ଚ୍ଚ ୧୮ରୁ ଖଲିସ୍ତାନୀ ନେତାକୁ ଖୋଜୁଛି ତଥାପି ପଂଜାବ ପୁଲିସ ତାର ଟେର ପାଉନି । ଆଶଙ୍କା କରାଯାଉଛି ବେଶ ବଦଳାଇ ଅମ୍ରିତପାଲ ରାଜ୍ୟ ବାହାରକୁ ଫେରାର ହୋଇସାରିଛି ଓ ଖୁବ ଶିଘ୍ର ଦେଶ ବାହାରକୁ ଯାଇପାରେ । ତେଣୁ ଅପରାଧୀର କିଛି ଛଦ୍ମବେଶ ବା ସମ୍ଭାବ୍ୟ ଛଦ୍ମ ଚେହେରାର କିଛି ଫଟୋ ଜାରି କରାଯାଇଛି । ଫଟୋ ଜାରି ଅମ୍ରିତପାଲକୁ ଗିରଫ ପାଇଁ ସହଯୋଗ ଲୋଡିଛି ପଂଜାବ ପୁଲିସ । ଏଥିସହ ଅପରାଧୀ ଉପରେ ଏନଏସଏ ଲଗାଯିବା ସହ ଲୁକ ଆଉଟ ନୋଟିସ ମଧ୍ୟ ଜାରି କରାଯାଇଛି । ମଙ୍ଗଳବାର ପଂଜାବ ପୁଲିସ ଅମ୍ରିତପାଲର ଗାଁ ଜୌଲାପୁରରେ ପହଁଞ୍ଚି ଛାନଭିନ କରିଛି । ସୂଚନା ଅନୁସାରେ ଅପରାଧୀର ପତ୍ନୀ କିରଣ ଦୀପ କୌର ଓ ତାଙ୍କ ମା'କୁ ଜେରା କରାଯାଇଛି । ସେପଟେ ଅମ୍ରିତପାଲକୁ ଫେରାର ପାଇଁ ସାହାଯ୍ୟ କରିଥିବା ୪ଜଣଙ୍କୁ ଗିରଫ କରାଯାଇଛି । ଏଥିସହ ଯେଉଁ ମଟୋଇସାଇକେଲ ଓ କାରରେ ସେ ପଂଜାବରୁ ଫେରାର ହୋଇଥିଲା ସେଗୁଡିକ ମଧ୍ୟ ଜବତ କରିଛି ପଂଜାବ ପୁଲିସ ।

## ପିଏମ ପୋଷଣରେ ଓଡ଼ିଶାକୁ ଦ୍ୱିତୀୟ କିସ୍ତିରେ ୨୮୩.୭୮ କୋଟି ଟଙ୍କା ପ୍ରଦାନ କରାଯାଇଛି

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨/୦୩ (ନି.ପ୍ର): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପିଏମ ପୋଷଣରେ ଓଡ଼ିଶାକୁ ଦ୍ୱିତୀୟ କିସ୍ତିରେ ୨୮୩.୭୮ କୋଟି ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ତରଫରୁ ପିଏମ ପୋଷଣର ଦ୍ୱିତୀୟ କିସ୍ତିର ଅର୍ଥ ଜାରି କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ । ଏହି ପତ୍ର ପାଇବା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଧ୍ୟାନ କରିବା ପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ମାଧ୍ୟମରେ ପିଏମ ପୋଷଣର ଦ୍ୱିତୀୟ କିସ୍ତିର ବିଳମ୍ବର କାରଣ ଜଣାଇଥିଲେ । ପରବର୍ତ୍ତୀ ସମୟରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ୨୮୩.୭୮ କୋଟି ଟଙ୍କା ଏହି ଅର୍ଥ ପ୍ରଦାନ କରାଯାଇସାରିଛି । ପିଏମ ପୋଷଣ ଯୋଜନା ଅନ୍ତର୍ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ବାର୍ଷିକ କାର୍ଯ୍ୟକ୍ରମ ଓ ବଜେଟ୍ ନିମନ୍ତେ ଭାରତ ସରକାର କେନ୍ଦ୍ରୀୟ ଅଂଶ ବାବଦରେ ୫୭୫.୯୮ କୋଟି ଟଙ୍କା ଏବଂ ରାଜ୍ୟ ଅଂଶ ବାବଦରେ ୩୩୦.୯୭ କୋଟି ଟଙ୍କା ବ୍ୟବସ୍ଥା କରି ସମୁଦାୟ ୯୦୬.୯୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିଲା । କେନ୍ଦ୍ର ସରକାରଙ୍କ ପ୍ରଥମ କିସ୍ତିରେ ୨୭୯.୯୫ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ବେଳେ ରାଜ୍ୟ ପାଖରେ ଥିବା ୮ କୋଟି ଟଙ୍କା ବଳକା ରହିଥିଲା । ଭାରତ ସରକାର ଅକ୍ଟୋବର ୦୧, ୨୦୨୨ରେ ସାମଗ୍ରିକ ଖର୍ଚ୍ଚକୁ ୯.୬ ପ୍ରତିଶତ ବୃଦ୍ଧି କରିଥିଲେ । ଅନୁରୂପ ଭାବେ ▶▶ପୃଷ୍ଠା ୭

# ୪ମାସ ଭିତରେ ଶରଣାର୍ଥୀଙ୍କ ଜମି ସମସ୍ୟା ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା, ୨୨/୦୩ (ନି.ପ୍ର): ଦୀର୍ଘ ବର୍ଷ ଧରି ଜିଲ୍ଲାରେ ରହି ଆସୁଥିବା ଶରଣାର୍ଥୀମାନଙ୍କୁ ଜମିପଟ୍ଟା ପାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଶରଣାର୍ଥୀମାନଙ୍କ ୪ମାସ ଭିତରେ ଜମି ସମସ୍ୟା ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲ ଅଂଚଳରେ ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱ ଧରି ରାମନଗର ଓ ଖରନାସୀ ପ୍ରଭୃତି ଅଂଚଳରେ ଶରଣାର୍ଥୀ ଭାବେ ରହୁଥିବା ଲୋକଙ୍କ ଜମି ସମସ୍ୟାର ସମାଧାନ କରିବା ପଇଁ ଏକ ଉଚ୍ଚସ୍ତରୀୟ ବୈଠକ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସର୍କିଟ୍ ହାଉସ ଠାରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ଶ୍ରୀ ନାୟକଙ୍କ ସମେତ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା(ରାଜସ୍ୱ), ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ମହାକାଳପଡ଼ା ତହସିଲଦାର, ଖରାସୀ ସରପଂଚ, ରାମନଗର ସରପଂଚ, ଜିଲ୍ଲା ପରିଷଦ ସଭ୍ୟ, ସମୀର ମିସ୍ତ୍ରୀ, ବିଜୟ ଶୁକ୍ଳା, ତୁଷାରକାନ୍ତି ସର୍ଦ୍ଦାର, ଅର୍ଜ୍ଜୁନ ମଣ୍ଡଳ ସମେତ ବହୁ ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ରହି ଆସନ୍ତା ୪ମାସ ଭିତରେ ଏହି ସମସ୍ୟାର ସମାଧାନ କରିବା ପାଇଁ ଉକ୍ତ ବୈଠକରେ ଉପସ୍ଥିତ ଥିବା ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି।

# ଭୋଗରାଇରେ ବଢୁଛି ଶବ୍ଦ ପ୍ରଦୂଷଣ

ଭୋଗରାଇ, ୨୨/୦୩ (ନି.ପ୍ର): ଶବ୍ଦ ପ୍ରଦୂଷଣ ଉପରେ ପ୍ରଶାସନିକ କଟକଣା ରହିଥିଲେ ବି ଭୋଗରାଇ ବ୍ଲକ୍‌ରେ ନିରବିଚ୍ଛିନ୍ନ ଭାବେ ଡାକବାଜି ଯନ୍ତ୍ର ଓ ଡିଜେ ସଂଖ୍ୟା ବଢୁଛି ଯାହାଫଳରେ ଶବ୍ଦ ପ୍ରଦୂଷଣ ମଧ ବଢ଼ି ଚାଲିଛି। କଟକଣାକୁ ବେଖାତିର କରି ବିଭିନ୍ନ କାର୍ଯ୍ୟକ୍ରମରେ ଦିନ ରାତି ଛକ ବଜାର ତଥା ଜନଗହଳି ପୂର୍ଣ୍ଣ ସ୍ଥାନମାନଙ୍କରେ ପ୍ରଚଣ୍ଡ ଶବ୍ଦରେ ଡିଜେ ବାଜୁଛି। ଏହି ଡିଜେକୁ ରୋକିବାରେ ପ୍ରଶାସନ ମଧ ବିଫଳ ହୋଇଛି। ଯାହା ଫଳରେ ଜନ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।
ଭୋଗରାଇରେ ଅଧିକାଂଶ ଅଦିନିଆ ସରସ୍ୱତୀ ଓ ମନସା ପୂଜା ସହିତ ବାହାଘର ପ୍ରୋଶେସନ, ଭସାଣୀ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହିସବୁ କାର୍ଯ୍ୟକ୍ରମରେ ସାଧାରଣତଃ ଡିଜେକୁ ବ୍ୟବହାର କରାଯାଉଛି। ପୂର୍ବରୁ ଏହି କାର୍ଯ୍ୟକ୍ରମରେ ସାହାନାଇ ଭଳି ପାରମ୍ପରିକ ବାଜା ବାଜୁଥିଲା ମାତ୍ର ଏବେ ଉନ୍ନତମାନର ତାହାର ସ୍ଥାନ ଅଧିକାର କରିଥିବା ଦେଖିବାକୁ ମିଳୁଛି। ଏହାକୁ ନେଇ କେତେକ ସାମାଜିକ ଅନୁଷ୍ଠାନ ପ୍ରତିବାଦ କରିଥିଲେ, ମାତ୍ର ପ୍ରଶାସନ ଏ ଦିଗରେ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ସେମାନେ ମଧ ନିରବି ଯାଇଛନ୍ତି। ତେବେ ଉନ୍ନତମାନର ଡିଜେ ବ୍ୟବହାର ପାଇଁ ପଶ୍ଚିମବଙ୍ଗର ଚାଉଳଖୁଲା, ଠିକରା, ରାମନଗର, ଆଦି ଅଞ୍ଚଳରୁ ସାମଗ୍ରୀ ଅଣାଯାଉଛି। ଏଥିରୁ ବାହାରୁଥିବା ଶବ୍ଦ ଲୋକମାନଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଶବ୍ଦ ପ୍ରଦୂଷଣ ନିୟମ-୨୦୧୦ ଲାଗୁ କରାଯାଇଛି। ପରିବେଶ ନିୟନ୍ତ୍ରଣ ବୋର୍ଡର ତଥ୍ୟ ଅନୁଯାୟୀ ଶବ୍ଦ ପ୍ରଦୂଷଣକୁ ରେସିଡେନସିଆଲ, ସାଇଲେନ୍ସ ଓ କମରସିଆଲ ଜୋନ୍ ଆଦିରେ ବିଭକ୍ତ କରାଯାଇଛି। ସକାଳ ୬ଟାରୁ ରାତ୍ରି ୧୦ଟା ମଧ୍ୟରେ ୬୫ ଡେସିବଲ ଓ ରାତ୍ରି ୧୦ଟାରୁ ସକାଳ ୬ଟା ୫୫ ଡେସିବଲ ଶବ୍ଦ ବ୍ୟବହାର ହେବା କଥା। ସେହିପରି ସାଇଲେନ୍ସ ଜୋନରେ ସକାଳ ୬ଟାରୁ ରାତ୍ରି ୧୦ଟା ମଧ୍ୟରେ ୫୫ ଡେସିବଲ୍ ଓ ରାତ୍ରି ୧୦ଟାରୁ ସକାଳ ୬ଟା ମଧ୍ୟରେ ୪୫ ଡେସିବଲ୍ ଶବ୍ଦ ବ୍ୟବହାର ହେବାର କଥା। ମାତ୍ର ଏହି ନିୟମକୁ ଡିଜେବାଲା ମାନୁ ନାହାନ୍ତି। ସେମାନେ ପ୍ରାୟ ୯୦ ଡେସିବଲ୍‌ରୁ ଅଧିକ ତୀବ୍ରତାରେ ଶବ୍ଦ ପ୍ରଦୂଷଣ କରୁଥିବାର ଅଭିଯୋଗ ହେଉଛି। ଏହାଛଡ଼ା ରେସିଡେନ୍‌ସିଆଲ, ସାଇଲେନ୍ସ ଓ କମରସିଆଲ ଜୋନ ଉପରେ କୌଣସି ଗୁରୁତ୍ୱ ଦେଉନାହାନ୍ତି। ଏପରିକି ଡାକ୍ତରଖାନା, ବିଦ୍ୟାଳୟ, ବସଷ୍ଟାଣ୍ଡ, ସରକାରୀ ଅଫିସ, ଥାନା କିମ୍ବା ଫାଣ୍ଡି କିଛି ମାନୁନାହାନ୍ତି। ଏହାକୁ ନେଇ ଦଳ ଦଳ ମଧ୍ୟରେ ବାରମ୍ବାର ଗୋଷ୍ଠୀକନ୍ଦଳ ଲାଗୁଛି। ପ୍ରତିଦିନ ୧୦ରୁ ଅଧିକ ବାହାଘର ତଥା ଗାଁ ଗହଳିରେ ହେଉଥିବା ହେଉଥିବା ମୂର୍ତ୍ତି ଭସାଣି ପାଇଁ ପ୍ରଶେସନ ସବୁ ଚନ୍ଦନେଶ୍ୱରକୁ ଆସିଥାଏ। ଏ ବାବଦରେ ପ୍ରଦୂଷଣ ବିଭାଗର ଆଞ୍ଚଳିକ ଅଧିକାରୀ କିମ୍ବା ପୋଲିସ ଅଧିକାରୀ କେହି ଧାନ ଦେଉ ନାହାନ୍ତି। ସେଥି ସକାଶେ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଉଛି। ତେବେ ଭୋଗରାଇରୁ କେବେ ଏଭଳି ଶବ୍ଦ ପ୍ରଦୂଷଣର ଅନ୍ତ ଘଟିବ ତାହା ସମୟ ହିଁ କହିବ।

# ଆବାସ ଯୋଜନା ଅଧାପନ୍ତରିଆ ନେଇ ଥାନାରେ ଅଭିଯୋଗ

ଜୟପୁର, ୨୨/୦୩ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚାଲିଛି ଠିକାଦାରଙ୍କ ରାଜ। ଅନେକ ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର ଗୁଡିକୁ ଅଧ ପନ୍ତରିୟା କରି ଛାଡି ଦେଇଛି ଠିକାଦାର। ବର୍ଷ ବର୍ଷ ଧରି ଘର ଗୁଡିକ ଅର୍ଧନିର୍ମିତ ହୋଇ ପଡିରହିଛି। ବରମ୍ବାର ହିତାଧିକାରୀ ଘର କାର୍ଯ୍ୟ ସମ୍ପନ୍ନ କରିବାକୁ କହିଲେ ବି ଠିକାଦାର ଘରକାମ କରୁନି କି ପ୍ରଶାସନ ମଧ ନୀରବ ରହିଛି। ଶେଷରେ ହିତାଧିକାରୀ ମାନେ ଘର କାର୍ଯ୍ୟ ସମ୍ପୁର୍ଣ୍ଣ ପାଇଁ ଥାନାର ଦ୍ୱାରାସ୍ଥ ହୋଇଛନ୍ତି। ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି କୋରାପୁଟଜିଲା ବୋରିଗୁମ୍ମା ବ୍ଲକର ସଲାଗୁଡା ଗାଁରୁ। ଅଭିଯୋଗ ଅନୁଯାୟୀ କାମରା ପଂଚାୟତର ସୋଲାଗୁଡା ଗ୍ରାମରେ ୨୦୧୭-୧୮ ଏବଂ ୨୦୧୮-୧୯ ଆର୍ଥିକ ବର୍ଷ ରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ କିଛି ହିତାଧିକାରୀ ଘର ପାଇଥିଲେ। ଅଶିକ୍ଷିତ ଆଦିବାସୀ ଲୋକ ନିଜେ ଘର କରିପାରିଲେ ନାହିଁ। କିଛି ହିତାଧିକାରୀ ଦଲାଲଙ୍କ ହାତରେ କାମ ଦେଇଥିଲେ। ବର୍ଷ ବର୍ଷ ଧରି ହିତାଧିକାରୀଙ୍କ ଘର କାମ ସମ୍ପନ୍ନ କରିନି ଦଲାଲ। କେଉଁ ଘର ପ୍ଲାଷ୍ଟାରିଂ ହୋଇନି ତ ଆଉ କେଉଁଠି କବାଟ ଝରକା ଲାଗିନି, ଆଉ କେଉଁ ଘର ଛାତବି ପଡିନି। ଦଲାଲ ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧୁ ଚନ୍ଦ୍ରିକା କାରଣରୁ ଏଭଳି ହେଉଛି ବୋଲି ହିତାଧିକାରୀ ଅଭିଯୋଗ କରିଛନ୍ତି। ପ୍ରଶାସନକୁ ବାରମ୍ବାର ଗୁହାରି କଲେ ବି କୌଣସି ଫଳପ୍ରଦ ହେଇନାହିଁ ଏଣୁ ବୋରିଗୁମ୍ମା ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବାକୁ ବାଧ ହୋଇଥିବା ସଲାଗୁଡାର ହିତାଧିକାରୀ କହିଛନ୍ତି। ଏନେଇ ବ୍ଲକ ପ୍ରଶାସନ କିମ୍ବା ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

# ଅଭିଭାବକ ମଂଚର କାର୍ଯ୍ୟକାରି କମିଟି ବୈଠକ : ଓଡିଶା ଯୋଡକୁ ପ୍ରାଧାନ୍ୟ

ବଲାଙ୍ଗିର, ୨୨/୦୩ (ନି.ପ୍ର): ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାରର ସମ୍ମିଳନୀ କକ୍ଷରେ ଅଭିଭାବକ ମଂଚର କାର୍ଯ୍ୟକାରି କମିଟି ବୈଠକ ସଭାପତି ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଉପ-ସଭାପତି ପ୍ରଶନ୍ନ କୁମାର ମିଶ୍ର ସୂଚନା ଦେଇଥିଲେ ଯେ, ଗତ ୧୫.୦୨.୨୩ ରେ ଅନୁଷ୍ଠିତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ସମ୍ମିଳନୀରେ ଓଡିଶାର ସାମୁହିକ ବିକାଶ ପାଇଁ 'ଓଡିଶା ଯୋଡ' କୁ ପ୍ରାଧାନ୍ୟ ଦେବାକୁ ନିଷ୍ପତି ନିଆଯାଇଥିଲା। ଏଥି ପାଇଁ ଆସନ୍ତା କିଛି ବର୍ଷ ମଧ୍ୟରେ ସଡକ, ଜଳ, ରେଳ ଓ ବିମାନ ପରିବହନ ବ୍ୟବସ୍ଥାକୁ ସୁଦୃଢ କରାଯିବ। ମନ୍ତ୍ରୀ ଟୁକୁନି ସାହୁ ମଧ ଟିଟିଲାଗଡ ନିର୍ବାଚନ ମଣ୍ଡଳିର ବିକାଶ ନେଇ ସମୀକ୍ଷା ବୈଠକ କରିଛନ୍ତି, କିନ୍ତୁ ଏସବୁ ନିର୍ବାଚନୀ ଅଭିଯାନ ମଧ୍ୟରେ କାଦୁଅ ଫିଙ୍ଗାରେ ବଲାଙ୍ଗିରର ବିକାଶ ବାଟବଣା ହୋଇ ଗଲାଣି। ଓଡିଶା ଯୋଡରେ ବଲାଙ୍ଗିର ଜିଲ୍ଲାକୁ ଯୋଡାଯିବ କି ଛଡାଯିବ ତାହା ସାଧାରଣ ଜନତା ବୁଝି ପାରୁନାହାନ୍ତି। ୧୯୬୭ ମସିହାରେ ଉଦଘାଟିତ ତୁଷୁରା ଏୟାରଷ୍ଟ୍ରିପ୍ ରୁ ନିୟମିତ ବିମାନ ଉଡାଣ ପାଇଁ ଅପ୍ରିଲ ୨୦୧୬ ରେ ଏୟାର ଓଡିଶା ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ ମଧ ଆନ୍ତରିକତା ଅଭାବରୁ ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ। ସେହିପରି ତେଲନଦୀ ଉପରେ କଳାହାଣ୍ଡିରେ ବ୍ୟାରେଜ ନିର୍ମାଣ ହେଲେ ତହିଁରେ କୌଣସି ବ୍ୟକ୍ତି ବିସ୍ଥାପିତ ହେବେ ନାହିଁ ଏବଂ କଳାହାଣ୍ଡି, ବଲାଙ୍ଗିର, ସୋନପୁର ଓ ବୌଦ୍ଧ ଜିଲ୍ଲାର ଅନେକ ଅଂଚଳରେ ଜଳସେଚନର ବ୍ୟବସ୍ଥା ହେବା ସହ ତେଲନଦୀ ଦେଇ କଳାହାଣ୍ଡି-ବଲାଙ୍ଗିର-ସୋନପୁର-କଟକକୁ ସବୁ ଦିନିଆ ନୌପରିବହନର ସୁବିଧା ଉପଲବ୍ଧ ହୋଇପାରିବ। ପୁନଶ୍ଚ ନିର୍ମାଣାଧିନ ବଲାଙ୍ଗିର-ଖୋର୍ଦ୍ଧା ରୋଡ ରେଳପଥରେ ଆସନ୍ତା ଅପ୍ରିଲରୁ ବଲାଙ୍ଗିରରୁ ସୋନପୁର ରେଳ ଚଳାଚଳ ପାଇଁ ସମସ୍ତ ସୁଯୋଗ ଥିବା ସତ୍ୱେ ତାହା କାର୍ଯ୍ୟକାରୀ ହେବାରେ ସନ୍ଦେହ ପ୍ରକାଶ ପାଇଛି। କଟାବାଞ୍ଜି-ନବରଙ୍ଗପୁର ତଥା ବଲାଙ୍ଗିର-ନୂଆପଡା ନୂତନ ରେଳପଥ ପାଇଁ ଅଂଚଳର ଦୀର୍ଘ ଦିନର ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଗ୍ରହରେ ଅଭାବ ପରିଲକ୍ଷିତ ହେଉଛି। ଓଡିଶା ସରକାର 'ଓଡିଶା ଯୋଡ' କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶାର ବିକାଶକୁ ତ୍ୱରାନ୍ୱିତ କରିବାର ଯୋଜନା କଲାବେଳେ କେବିକେର ପ୍ରମୁଖ ଜିଲ୍ଲା ବଲାଙ୍ଗିରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିକାଶ ଯୋଜନାକୁ ଅଣଦେଖା କରି 'ବଲାଙ୍ଗିର ଛାଡ' ନୀତି ଆପଣାଉଥିବା ସାଧାରଣରେ ଆଲୋଚନା ହେଉଛି। ୫-ଟି ସଚିବ ଏ ଦିଗରେ ଦୃଷ୍ଟି ଦେବେ ବୋଲି ଆଶା। ଏହି ବୈଠକରେ ସଂପାଦକ ଗୋବିନ୍ଦ ମିଶ୍ର, ଦିବାକର ହୋତା, ଛବିଲାଲ ବେହେରା, ପୁରୁଷୋତମ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାଶ, ହରେକୃଷ୍ଣ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୃଷ୍ଣଚନ୍ଦ୍ର ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ : ବଣ୍ଟାଯାଇଛି ୧.୯୫ କୋଟି ଚାରା



ଭୁବନେଶ୍ୱର, ୨୨/୦୩ (ନି.ପ୍ର): ସବୁଜ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ତେଣୁ ଚଳିତ ବର୍ଷ ୩.୪୯ କୋଟି ଚାରାରୋପଣ କରାଯାଉଛି। ସେଥିମଧ୍ୟରୁ ୧.୯୫କୋଟି ଚାରା ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ବଣ୍ଟନ ହୋଇଛି। 'ଆମ ଜଙ୍ଗଲ ଯୋଜନା'କୁ ୨୨ଟି ବନଖଣ୍ଡ ଅଧୀନ ପ୍ରାୟ ୪୬୦୧ ବନ ସୁରକ୍ଷା ସମିତି ମାଧ୍ୟମରେ ୪.୨ ଲକ୍ଷ ପରିବାର ନିକଟରେ ପହଞ୍ଚାଯାଇଛି। ସେମାନେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଓ ଅବକ୍ଷୟିତ ଜଙ୍ଗଲର ସଂରକ୍ଷଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପରିଣାମସ୍ୱରୂପ ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟର ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳରେ ୮୯୩ ବର୍ଗ କିମି ଅଭିବୃଦ୍ଧି ଘଟିଛି। ୮.୩୪ କିମି ହେନ୍ତାଳବନ ସୃଷ୍ଟି କରି ଓଡ଼ିଶା ଦେଶର ପ୍ରଥମ ସ୍ଥାନରେ ରହିଛି ବୋଲି ଜୟଦେବ ଭବନରେ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ପାଳନ ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁ ଓ ବନ୍ୟଜନ୍ତୁ-ମଣିଷ ବିବାଦକୁ ପ୍ରଶମିତ କରିବା ଦିଗରେ ବିଭାଗର କ୍ଷେତ୍ର ଅଧିକାରୀ, କର୍ମଚାରୀ ଓ ଗ୍ରାମାଞ୍ଚଳର ସ୍ୱେଚ୍ଛାସେବୀମାନେ ନିଷ୍ଠାପର ଭାବେ କାର୍ଯ୍ୟ କରୁଥିବା ମତବ୍ୟକ୍ତ କରିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ଦେବୀଦତ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପିସିସିଏଫ୍(ଏମ୍ଇ ଆଣ୍ଡ ଆଇଭି) ଓମ୍ ପ୍ରକାଶ ସିଂ ଧନ୍ୟବାଦ ଦେଇଥିଲେ। ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୪ଜଣ ବନରକ୍ଷୀ, ୧୧ଜଣ ବନପାଳ ଓ ୪ଜଣ ବନାଞ୍ଚଳ ଅଧିକାରୀଙ୍କୁ ରାଜ୍ୟ ବନୀକରଣ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ 'ହାଇଲାଇଟସ୍ ଅଫ୍ ଓଡ଼ିଶା ଫରେଷ୍ଟ ସେକ୍ଟର-୨୦୨୩' ଶୀର୍ଷକ ଏକ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ଏନସିସି କୋରାପୁଟ ଗ୍ରୁପ ହେଡ କ୍ୱାଟର ଉଦ୍‌ଘାଟିତ

ଜୟପୁର, ୨୨/୦୩ (ନି.ପ୍ର): ଏନସିସି କୋରାପୁଟ ଗ୍ରୁପ ହେଡ କ୍ୱାଟର ଉଦଘାଟିତ ହୋଇଛି। ଜୟପୁର ପାରାବେଢାସ୍ଥିତ ପୁରୁଣା କୋଭିଡ କେୟାର ସେଂଟରରେ ଏନସିସି କୋରାପୁଟ ଗ୍ରୁପ ହେଡ କ୍ୱାର୍ଟର ଉଦଘାଟିତ ହୋଇଛି। ଏଠାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୁଜାରି ଉପସ୍ଥିତ ରହି ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଉଚ୍ଚ ଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ଏନସିସି ଡେପୁଟି ଡାଇରେକ୍ଟରର ଜେନେରାଲ ଡିଡିଜି ସୋମନ ବାନାର୍ଜୀ, କୋରପୁଟ ଜିଲାପାଳ ଅବଦୁଲ ମହମ୍ମଦ ଆକ୍ତର ଉପସ୍ଥିତ ଥିଲେ। ଏହା ହେଉଛି ରାଜ୍ୟ ୪ର୍ଥ ଗ୍ରୁପ ହେଡ କ୍ୱାଟର ୟୁନିଟ। ଆଗରୁ ବ୍ରହ୍ମପୁର, କଟକ, ସମ୍ବଲପୁର ରେ ଥିବା ବେଳେ କୋରାପୁଟ ଜିଲା ଜୟପୁର ରେ ଏହା ହେଉଛି ୪ର୍ଥ ୟୁନିଟ। ଏହି ୟୁନିଟ ଅଧିନରେ କୋରାପୁଟ, ନବରଙ୍ଗପୁର, ରାୟଗଡା, ମାଲକାନଗିରି ଓ କଳାହାଣ୍ଡି ଜିଲା ରହିଛି। ସାରା ରାଜ୍ୟରେ କଲେଜ ଓ ବିଦ୍ୟାଳୟରେ ୬୦ ହଜାର ଏନସିସି କ୍ୟାଡେଟ ଅଛନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୁବ ପଢିକୁ ଶଶସ୍ତ୍ର ବାହିନୀ ରେ ଯୋଗ ଦେବା ପାଇ ଭିତି ଭୁମି ପ୍ରସ୍ତୁତ କରିବା। କଲେଜ ରେ ଏନସିସିକୁ ବିଷୟ ଭାବେ ଅନ୍ତଭୁକ୍ତ କରାଯାଇଛି। ଆଗାମି ଦିନରେ ଏନସିସି କୁ ଅଧିକ କ୍ରିୟାଶିଳ କରାଯିବ। ଏନସିସି କ୍ୟାଡେଟ ମାନେ ଆଗକୁ ଯେପରି ପାଇଲେଟ ହୋଇ ପାରିବେ ସେ ନେଇ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଏନସିସିର କ୍ୟାଡେଟ ମାନଙ୍କୁ ନିଯୁକ୍ତିର ସୁଯୋଗ ମଧ ମିଳିବ। ପୋଲିସ, ସୁରକ୍ଷା ବାହିନି, ସାମରିକ ନିଯୁକ୍ତି ପାଇଁ ଏନସିସି ଏକାଡେମୀ ବେଶ ସହାୟତା ହେବ।

# ବିଳମ୍ବିତ ହେବ ଟିଟିପିଏସ୍ ସଂପ୍ରସାରଣ



ଅନୁଗୁଳ, ୨୨/୦୩ (ନି.ପ୍ର): ଦୁଇବର୍ଷ ତଳେ ବନ୍ଦ ହୋଇଥିବା ତାଳଚେର ଥର୍ମାଲ ପାୱାର ପାୱାର ଷ୍ଟେସନ (ଟିଟିପିଏସ୍)ର ସମ୍ପ୍ରସାରଣ ପ୍ରକ୍ରିୟା ତୁରନ୍ତ ଆରମ୍ଭ ହେବ ବୋଲି ଲକ୍ଷ୍ୟ ରଖାଯାଇଥିଲା। ହେଲେ, ବିଭିନ୍ନ କାରଣରୁ ଏହି ସଂପ୍ରସାରଣ ପ୍ରକ୍ରିୟା ବିଳମ୍ବିତ ହୋଇଛି। ଏବେ ସ୍ଥିତି ଏମିତି ଯେ ଆସନ୍ତା ୨୦୨୭-୨୮ ପୂର୍ବରୁ ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇପାରିବନି। ଖୋଦ୍ ରାଜ୍ୟ ସରକାର ଏହା ସ୍ୱୀକାର କରିବାପରେ ଚାକିରି ଆଶାରେ ଥିବା ହଜାର ହଜାର ଲୋକ ପୁଣି ନିରାଶ ହୋଇଛନ୍ତି। ଜାତୀୟ ତାପଜ ବିଦ୍ୟୁତ୍ କେନ୍ଦ୍ର (ଏନ୍‌ଟିପିସି) ଦ୍ୱାରା ପରିଚାଳିତ ଟିଟିପିଏସ୍‌ରେ ୬୦ ମେଗାୱାଟ୍ ବିଶିଷ୍ଟ ୪ଟି ୟୁନିଟ୍ ଓ ୧୧୦ ମେଗାୱାଟ୍ ବିଶିଷ୍ଟ ୨ଟି ୟୁନିଟ୍ ରହିଥିଲା। ଏହି ପୁରୁଣା ପ୍ଲାଣ୍ଟ ୨୦୨୧ ମାର୍ଚ୍ଚ ୩୧ ତାରିଖରୁ ବନ୍ଦ ହୋଇଯାଇଛି। ପରିବେଶ ମଞ୍ଜୁର ନ ଥିବା ଦର୍ଶାଇ ଏନ୍‌ଟିପିସି କର୍ତ୍ତୃପକ୍ଷ ଏହାକୁ ବନ୍ଦ କରି ଦେଇଥିଲେ। ତେବେ, ଏହାକୁ ବିରୋଧ କରି ଶ୍ରମିକ ସଂଗଠନ ଅଦାଲତକୁ ଯାଇଥିଲେ। ଏହାକୁନେଇ କିଛିମାସ ପର୍ଯ୍ୟନ୍ତ ଅଚଳାବସ୍ଥା ଜାରି ରହିଥିଲା। ପ୍ଲାଣ୍ଟ ବନ୍ଦ ପ୍ରକ୍ରିୟା ଉପରେ ଅଦାଲତ ରହିତାଦେଶ ଦେବାଫଳରେ କର୍ମଚାରୀଙ୍କୁ ଛଟେଇ କରାଯାଇ ନ ଥିଲା। କିନ୍ତୁ, ପୁରୁଣା ପ୍ଲାଣ୍ଟ ବିପଜ୍ଜନକ ହୋଇଥିବା ଦର୍ଶାଇଥିଲା ଏନ୍‌ଟିପିସି। ଶେଷରେ ଅଦାଲତ ରହିତାଦେଶ ଉଠାଇ ନେବାପରେ ପୁରୁଣା ପ୍ଲାଣ୍ଟ ଚାଲିବା ନେଇ ସବୁ ଆଶା ମଉଳିଥିଲା। ଏହାସହିତ ହଜାର ହଜାର କର୍ମଚାରୀ ଓ ଶ୍ରମିକଙ୍କ ଭାଗ୍ୟ ଅନ୍ଧାରକୁ ଚାଲି ଯାଇଥିଲା।

# କୁଆପଥର ଉଜାଡିଲା ପନିପରିବା ଚାଷ: ଚାଷୀ ମୁଣ୍ଡରେ ଚଡକ

ଧର୍ମଶାଳା, ୨୨/୦୩ (ନି.ପ୍ର): ଚାଷୀଙ୍କୁ ଘାରିଛି କାଳବୈଶାଖୀ ଚିନ୍ତା। ଯାହାକୁ ନେଇ ଏବେ ଚିନ୍ତାରେ ପଡି ଯାଇଛି ଚାଷୀ କୂ। ଯାଜପୁର ଜିଲାରେ ସୋମବାର ଅପରାହ୍ନରେ କାଳବୈଶାଖୀ ହୋଇଥିଲା। ଏହାର ପ୍ରଭାବରେ ପବନ, ବର୍ଷା ସାଙ୍ଗକୁ କୁଆପଥର ହୋଇଥିଲା। ଏହି କୁଆପଥର ଦୀର୍ଘ ସମୟ ଧରି ହୋଇଥିଲା। ତାହା ପୁଣି ୧ କିଲୋରୁ ଦେଢ କିଲୋ ଓଜନର। ଏହି କୁଆପଥର ମାଡରେ ଅନେକ ଆଜବେଷ୍ଟସ ଘର ସହ ବହ ବଡ ଗଛ ଭାଙ୍ଗି ଯାଇଥିବା ବେଳେ ପନିପରିବା ଚାଷ ଉପରେ ଏହାର ବଡ ପ୍ରଭାବ ପଡିଛି। ଆଗରୁ କେବେ ଏତେ ବଡବଡ କୁଆପଥର ଦେଖି ନ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଯାଜପୁର ଜିଲା ଧର୍ମଶାଳା ବ୍ଲକ କଦମପାଳ ପଂଚାୟତରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ଏହି ପଂଚାୟତ ସାଧରଣତଃ ଚାଷୀ ପରିବାର। ପନିପରିବା ଚାଷ କରି ନିଜନିଜର ପରିବାର ପ୍ରତିପୋଷଣ କରନ୍ତି। ବିଶେଷ କରି ପନି ପରିବା ଏକ ଲାଭ ଜନକ ଫସଲ ହୋଇଥିଲା ବେଳେ ସେମାନେ କ୍ଷେତରେ ପୋଟଳ, କଖାରୁ, ବାଇଗଣ, ଜହ୍ନି, କଲରା ଆଦି ଫସଲ କରିଥାନ୍ତି। ଏହି ପନିପରିବାକୁ ଜିଲା ତଥା ଜିଲା ବାରକୁ ଚାଲାଣ କରିଥାନ୍ତି। ବିଭିନ୍ନ ଉପାୟରୁ ଧାର କରଜ ଆଣି ଏହି ଫସଲ କରିଥାନ୍ତି। କଳ ଲଙ୍ଗଳରେ ଚାଷ କରିବା ସହ ବିହନ, ସାର, ଔଷଧ ଓ ଶ୍ରମ ଦାନ କରି ଫସଲ କରନ୍ତି।
ତେବେ ଏହି କାଳବୈଶାଖୀ ସେମାନଙ୍କ ପାଇଁ ଆଣି ଦେଇଛି ଦୁଃଖ। ଏହି ଅଂଚଳରେ ଶହଶଡ ଏକର ଜମିରେ ଲାଗିଥିବା ପୋଟଳ ଚାଷ ଉପରେ ପ୍ରଭାବ ପଡିଛି। କୁଆପଥର ମାଡରେ ପୋଟଳ ଫାଟି ଯାଇଥିବା ବେଳେ ଏହି ଗଛ ଉପରେ ପ୍ରଭାବ ପଡିଛି। ଯାହାକି ଆଗକୁ ଫଳ ଫଳିବା ନେଇ ଆଶଙ୍କା କରିଛନ୍ତି। ଯାହାକୁ ନେଇ ଚାଷୀ କୂଳ ହତାଶ ହୋଇଛି। ଆଜି କ୍ଷେତରେ ଶହଶହ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। କିପରି ଆଣି ଥିବା ଋଣ ଶୁଝିବେ ତାହାକୁ ନେଇ ଏବେ ଚିନ୍ତାରେ। ଆଗକୁ କିପରି ପରିବାର ଚଳିବ ଚାଷୀ କୂଳ ଏବେ ହତାଶ ହୋଇପଡିଛନ୍ତି। ଏଦିଗରେ ଜିଲା ପ୍ରଶାସନ ତୁରନ୍ତ ଏହି ଚାଷୀ ପରିବାର ପ୍ରତି ନଜର ଦେବାକୁ ଚାଷୀ ସୁରଥ ଜେନା, ନିତ୍ୟାନନ୍ଦ ଜେନା, ବିଷ୍ଣୁ ଦାସ, ହଳଧର ମହାନ୍ତି, ଶିଶିର ଜେନା, ଗୋପବନ୍ଧୁ ପ୍ରଧାନ, ସୁକାନ୍ତ ଦାସ, ନାଣ୍ଟୁ ପ୍ରଧାନ ଓ ହଗୁରୀ ଓଝା ପ୍ରମୁଖ ଦାବି କରିଛନ୍ତି।

## ୪ ଜଣ ୱାରେଣ୍ଟି ଗିରଫ

ଭୁବନ, ୨୨/୦୩ (ନି.ପ୍ର): ଅତିରିକ୍ତ ଜିଲ୍ଲା ଜଜ୍, କାମାକ୍ଷାନଗରଙ୍କ କୋର୍ଟରୁ ସିଟି(ଏସଏସ) ୪୮/୨୦୧୭ କେଶ ରେ ଜାମିନ ବିହୀନ ପରୱାନା ପାଇ ଭୁବନ ଥାନା ତରଫରୁ ଗତ ରବିବାର ରାତି ଆଇ ଆଇ ସି ସୌଭାଗ୍ୟ କୁମାର ସ୍ୱାଇଁ ଙ୍କ ନେତୃତ୍ୱରେ ଭୁବନ ପୋଲିସ ଜୟପୁର ଗ୍ରାମରେ ଚଢାଉ କରି ବେଲ ବେହେରା, ମାନସ ବେହେରା, ବିପିନ ବେହେରା ଓ ବିଜୟ ଓରଫ ବିଟି ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଉପରୋକ୍ତ ବ୍ୟକ୍ତି ମାନଙ୍କ ନାମରେ ୨୦୧୭ ମସିହାରେ ଏକ ହତ୍ୟା ଅଭିଯୋଗ ଥିଲା। ଆଗାମୀ ଦିନରେ ମଧ ଏହିଭଳି ଚଢାଉ ଅବ୍ୟାହତ ରହିବ ବୋଲି ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ଆସ୍ୱାୟାର ପକ୍ଷରୁ ବ୍ଲକସ୍ତରୀୟ ଅଙ୍ଗନୱାଡ଼ି କର୍ମୀ କର୍ମଶାଳା


ହରିଚନ୍ଦନପୁର, ୨୨/୦୩ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆସ୍ୱାୟାର ପକ୍ଷରୁ ହରିଚନ୍ଦନପୁର ବ୍ଲକ କାଦୁଅଡିହା ଆଇଟିସି କେନ୍ଦ୍ରରେ ବ୍ଲକ ସ୍ତରୀୟ ଅଙ୍ଗନୱାଡ଼ି କର୍ମଶାଳା ଅନୁଷ୍ଠିତ ହୋଇଛି। ବୈଠକରେ ଆସ୍ୱାୟାର ବ୍ଲକ ସଂଯୋଜକ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ବ୍ଲକ ସ୍ତରୀୟ ଅଙ୍ଗନୱାଡ଼ି କର୍ମୀ ସମ୍ମିଳନୀରେ ରାଜ୍ୟ ସଂଯୋଜକ ରବି କୁମାର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବାବଦରେ ସୂଚନା ଦେବା ସହିତ ପୃଷ୍ଟିକର ଖାଦ୍ୟ, ଶିଶୁ ସୁରକ୍ଷା, କିଶୋରୀ ବାଳିକା ପ୍ରସଙ୍ଗରେ ଅଙ୍ଗନୱାଡ଼ି କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ଏଥି ସହିତ ପଂଚାୟତ ସ୍ତରୀୟ କିଶୋରୀ ବାଳିକା ଅଧିକାର ସୁରକ୍ଷା ସମିତି, ଶିକ୍ଷଣ ସାମଗ୍ରୀ ବ୍ୟବହାର କରାଯାଇ ଉନ୍ନତ ପ୍ରାକଶିକ୍ଷା ବାବଦରେ ପ୍ରଦର୍ଶନ କରାଯାଇଥିଲା। ଅଙ୍ଗନୱାଡ଼ି ବିକାଶ, ବାଲ୍ୟ ବିବାହ, ଶିଶୁ ଶ୍ରମିକ ମୁକ୍ତ ନିମନ୍ତେ ଅଙ୍ଗନୱାଡ଼ି ସ୍ତରରେ ସକ୍ରିୟ ହୋଇ ପଂଚାୟତ ସହିତ ମିଳିତ କ୍ରମେ କିପରି କାର୍ଯ୍ୟ କରିବେ ସେ ବାବଦରେ ଆଲୋଚନା ହୋଇଥିଲା। ପରେ ଅଙ୍ଗନୱାଡ଼ିର ସମସ୍ତ ବିକାଶ ନିମନ୍ତେ ଆବଶ୍ୟକ ଥିବା ପ୍ରସଙ୍ଗକୁ ନେଇ ଗ୍ରୁପ ମାଧ୍ୟମରେ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥାପନ କରିଥିଲେ। ଏଥି ସହ ଏକ ମେଡେଲ ଅଙ୍ଗନୱାଡ଼ି କେନ୍ଦ୍ରର ଭିଡ଼ିଓ ପ୍ରୋଜେକ୍ଟରେ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଅଙ୍ଗନୱାଡ଼ି କର୍ମୀମାନେ ନିଜ ନିଜ କେନ୍ଦ୍ରରେ ଶିଖାଉଥିବ ଗୀତ ଗାଇ ନୃତ୍ୟ ପରିବେଷଣ କରିଥିଲେ। ପରିଶେଷରେ ହରିଚନ୍ଦନପୁର ବ୍ଲକର ପ୍ରତି ପଂଚାୟତରୁ ଜଣକୁ ନେଇ ୨୫ ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ମନୋନୀତ କରାଯାଇଥିଲା। ଏହା ସହ ବ୍ଲକ ସ୍ତରୀୟ ଅଙ୍ଗନୱାଡ଼ି ଫେଡେରେଶନ ଗଠନ କରାଯାଇଥିଲା। ବ୍ଲକ ଅଙ୍ଗନୱାଡ଼ି ସଂଯୋଜକ ଗଦାଧର ମହାନ୍ତ ଆଗାମୀ ଦିନରେ ଅଙ୍ଗନୱାଡ଼ି ସ୍ତରରେ ଶିଶୁମାନଙ୍କର ଉପସ୍ଥିତିକୁ ବୃଦ୍ଧି କରିବା ସହିତ ଅଙ୍ଗନୱାଡ଼ି ବିକାଶ ପ୍ରସଙ୍ଗରେ ଗୁରୁତ୍ୱ ଦିଆଯିବାକୁ ସୂଚନା ପ୍ରଦାନ କରିଥିଲେ। ଉକ୍ତ କର୍ମଶାଳାରେ ବ୍ଲକର ପ୍ରତି ପଂଚାୟତରୁ ୪ ଜଣ ଲେଖାଏଁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆସ୍ୱାୟାରର ମହେଶ୍ୱେତା ଦାସ, ଚମ୍ପୁଆ ବ୍ଲକ ସଂଯୋଜକ ପ୍ରମୋଦ କୁମାର ସାହୁ, ଶିକ୍ଷା ସଂଯୋଜକ ମଧୁସୂଦନ ମୁଣ୍ଡା, ସୁବ୍ରତ ସେଠୀ, ପ୍ରସନ୍ନ ବେହେରା, ବିନୋଦ କୁମାର ସାହୁ, ସିମେଲ ଗାଗରାଇ, ବାସନ୍ତୀ ମହାନ୍ତ, ଚିନ୍ମୟ ବେଜ, ବିଜୟ ମହାନ୍ତଙ୍କ ସମେତ ବ୍ଲକର ଏଲଏଫ, ଏଲଇପି ଶିକ୍ଷକ ଓ ପଂଚାୟତ ସଂଯୋଜକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଘୋଷଣାନାମା

ମୁଁ ଭଗବାନ ପାତ୍ର (୫୨) ପିତା- ପୁରଷ୍ତମ ପାତ୍ର, ସା: ପହଣ୍ଡା, ପୋ:ଅ:- ଢ଼ିହିରାକୁଳ, ଥାନା- ଉଦଳା, ଜିଲ୍ଲା- ମୟୂରଭଂଜ ଜଣାଉଅଛୁକି ମୋର ଆଧାର କାର୍ଡ ଓ ଭୋଟ ପରିଚୟ ପତ୍ରରେ ଭଗବାନ ପାତ୍ର ଥିବା ବେଳେ ଭୁଲ ବଶତଃ ମୋର ଗ୍ରାମୀଣ ଡ଼ାକ ଜୀବନ ବୀମା ସାର୍ଟିଫିକେଟରେ ଉଦୟ ପାତ୍ର ଉଲ୍ଲେଖ ରହିଛି। ଗ୍ରାମୀଣ ଡ଼ାକ ଜୀବନ ବୀମା ସାର୍ଟିଫିକେଟ ନଂ ଟି R-OR-BN-EA-୩୮୨୯୫ ରହିଛି। ମୁଁ କପ୍ତିପଦା, ଉଦଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଏକଜ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ପାଖରେ ସତ୍ୟପାଠ ଜରିଆରେ ଘୋଷଣା କରୁଅଛି କି ଭଗବାନ ପାତ୍ର ଓ ଉଦୟ ପାତ୍ର ଏକ ଓ ଅଭିନ୍ନ ଅଟନ୍ତି।

ସ୍ୱାକ୍ଷର
ଭଗବାନ ପାତ୍ର

# ଆୟୁର୍ବେଦୀୟ ଭ୍ରମଣ




କରୋନା ସଂକ୍ରମଣ ଭୟାବହତା ମଧ୍ୟରେ ମଣିଷ ନିଜ ସ୍ୱାସ୍ଥ୍ୟ ପ୍ରତି ପୂର୍ବାପେକ୍ଷା ଅଧିକ ସଚେତନ ହୋଇପଡ଼ିଛି । ବିଶ୍ୱର ସ୍ୱାସ୍ଥ୍ୟ ମଧ୍ୟରେ ଭାରତୀୟ ଆୟୁର୍ବେଦର ସ୍ୱତନ୍ତ୍ର ସ୍ଥାନ ରହିଛି । ଦେଶର ଏପରି ପ୍ରମୁଖ ପାଞ୍ଚଟି ଆୟୁର୍ବେଦୀୟ ସ୍ଥାନ ସମ୍ପର୍କରେ ଜାଣନ୍ତୁ, ଯେଉଁଠାରେ ଉଭୟ ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟଟନର ସୁଖ ପାଇପାରିବେ ।

**ଦେବୟା ଆୟୁର୍ବେଦ ଆଣ୍ଡ୍ ନେଚର କିୟୋର ସେଣ୍ଟର, ଗୋଆ:**
ଏଠାରେ ଦିଓ୍ୱାର ଦ୍ୱୀପରେ ଥିବା ଏହି ରିସୋର୍ଟରେ ଯେଭଳି ସ୍ୱାସ୍ଥ୍ୟ ସେବା ଦିଆଯାଏ, ଶରୀର ଏବଂ ମନ ସହ ଆତ୍ମା ବି ସତେଯେପରି ସତେଜ ହୋଇଯାଏ । ସୁସ୍ଥ ଏବଂ ଚିନ୍ତାମୁକ୍ତ ଜୀବନ ଜିଇବା ଲାଗି ଏଠାରେ ଆଧୁନିକ ଯୋଗ ପ୍ରକ୍ରିୟା ଶିକ୍ଷା କରିପାରିବେ । ନଡ଼ିଆ ଗଛ ଓ ଅନ୍ୟ ସବୁଜିମା ଭରା ପରିବେଶ ଏହି ରହଣିକୁ ଅଧିକ ଆନନ୍ଦିତ କରେ । ପଞ୍ଚକର୍ମ, ନ୍ୟାଚୁରୋଥେରାପି, ସ୍ପା ଆଦିର ସୁବିଧା ଏଠାରେ ଉପଲବ୍ଧ ।



**ଆନନ୍ଦ ଇନ୍ ଦି ହିମାଳୟ, ଉତ୍ତରାଖଣ୍ଡ:**
ଏଠାରେ ଋଷିକେଶ ନିକଟରେ ଅବସ୍ଥିତ ଆନନ୍ଦ ଭାରତର ସର୍ବୋତ୍ତମ ଆରାମଦାୟକ ସ୍ପା ରିସୋର୍ଟସ ମଧ୍ୟରୁ ଅନ୍ୟତମ । ପ୍ରାୟ ୧୦୦ ଏକର ପରିବ୍ୟାପ୍ତ ଏହି ରିସୋର୍ଟ ଅଞ୍ଚଳରେ ଆୟୁର୍ବେଦୀୟ ସ୍ୱାସ୍ଥ୍ୟ ସେବା ପାଇବା ସହ ହିମାଳୟ ପାର୍ବତ୍ୟାଞ୍ଚଳର ସୌନ୍ଦର୍ଯ୍ୟ ଉପଭୋଗ କରିହେବ । ଆନନ୍ଦରେ ଆୟୁର୍ବେଦ ଡାକ୍ତର, କୁଶଳୀ ଥେରାପିଷ୍ଟ, ପୋଷକ ତତ୍ତ୍ୱ ଏବଂ ଯୋଗ ବିଶେଷଜ୍ଞ ରହିଛନ୍ତି । ତେବେ ଏହାର ସ୍ପା ସବୁଠାରୁ ଭିନ୍ନ । ଏଠାରେ ପାରମ୍ପରିକ ଆୟୁର୍ବେଦ ଏବଂ ଆଧୁନିକ ସ୍ପା କୌଶଳର ମିଶ୍ରଣରେ ୮୦ରୁ ଅଧିକ ପ୍ରକାର ସ୍ପା ସେବା ଯୋଗାଇ ଦିଆଯାଏ ।

**ସୋମାଥିରମ୍ ଆୟୁର୍ବେଦ ଗ୍ରାମ, କେରଳ:**



ଏଠାକାର ଚୋଓ୍ୱାରା ବେଳାଭୂମିରେ ଥିବା ସୋମାଥିରମ୍‌ରେ ରିସୋର୍ଟର ସୁବିଧା ସହ ଆୟୁର୍ବେଦୀୟ ଚିକିତ୍ସା ପାଇପାରିବେ । ତ୍ରିଭେନ୍ଦ୍ରମ ଆନ୍ତର୍ଜାତୀୟ ବିମାନ ବନ୍ଦର ଏହାର ନିକଟତର । ଏଠାରେ ପଞ୍ଚକର୍ମ ସହ ମାଲିସ୍, ଶିରୋଧାରା, ବସ୍ତି, ଶିରୋବସ୍ତି, ଅଭ୍ୟଙ୍ଗମ୍, ନାସ୍ୟମ ଆଦି ଆୟୁର୍ବେଦୀୟ ପଦ୍ଧତିରେ ଶରୀରକୁ ବିଷାକ୍ତ, ତତ୍ତ୍ୱମୁକ୍ତ କରିପାରିବେ । ନିଜସ୍ୱ ଔଷଧୀୟ ଉଦ୍ୟାନରୁ ଆସୁଥିବା ଜଡ଼ିବୁଟି ଏଠାରେ ବ୍ୟବହାର କରାଯାଏ । ପଦ୍ମନାଭସ୍ୱାମୀ ମନ୍ଦିର, ଚିଡ଼ିଆଖାନା, ଏକାଧିକ ସଂଗ୍ରହାଳୟ ଏହା ନିକଟରେ ରହିଛି ।



**ଆୟୁର୍ବେଦଗ୍ରାମ ହେରିଟେଜ ୱେଲନେସ ସେଣ୍ଟର, ବେଙ୍ଗାଲୁରୁ:**
ସହର ବାହାରେ ଥିବା ଏହି ଆୟୁର୍ବେଦଗ୍ରାମରେ ଚିକିତ୍ସା କରିବା ଲାଗି ଆୟୁର୍ବେଦ ଏବଂ ଯୋଗର ସହାୟତା ନିଆଯାଏ । ୯ ଏକର ପରିବ୍ୟାପ୍ତ ଏହି ସେଣ୍ଟରରେ ଆୟୁର୍ବେଦୀୟ ସ୍ୱାସ୍ଥ୍ୟ ସେବା, ସ୍ପା, ଯୋଗ, ପ୍ରାଣାୟମ, ଶାକାହାରୀ ଭୋଜନ ଜୀବନକୁ ଏକ ନୂଆ ଦିଶା ଦେଇପାରେ । ଏଠାକୁ ଆସୁଥିବା ଅତିଥିମାନେ ନିଜ ବଜେଟ୍ ଅନୁସାରେ ପ୍ୟାକେଜ୍ ବାଛିଥାନ୍ତି ।

## ଘରେ ମନି-ପ୍ଲାଣ୍ଟ ଥିଲେ, ଜାଣିବା କଥା



ବାସ୍ତୁଶାସ୍ତ୍ରର ନିୟମ ଅନୁସାରେ ପ୍ରତ୍ୟେକ ଚାରାରୋପଣ ନିମନ୍ତେ ନିର୍ଦ୍ଦିଷ୍ଟ ଦିଗ ରହିଛି । ଏହି ନିୟମ ମାନିଲେ ଘରେ ସୁଖ ସମୃଦ୍ଧି ବୃଦ୍ଧି ହେଉଥିବାର ମତ । ଉଜ୍ଜୈନର ଜ୍ୟୋତିଷାଚାର୍ଯ୍ୟ ପ୍ରଫୁଲ୍ଲ ଭଟ୍ଟ ଏ ବାବଦରେ ଜନସାଓାରଣଙ୍କୁ ଉପଦେଶ ଦେଇଛନ୍ତି । ମନି-ପ୍ଲାଣ୍ଟ ଗଛକୁ ଉଚିତ ଦିଗରେ ଲଗାଇଲେ ଘରର ପ୍ରତ୍ୟେକ ସଦସ୍ୟଙ୍କ ଉପରେ ଉତ୍ତମ ପ୍ରଭାବ ପଡ଼େ ।

ଉତ୍ତର-ପୂର୍ବ ଦିଗରେ କେବେହେଲେ ଏହି ଗଛ ଲଗାଇବେ ନାହିଁ ନଚେତ୍ ଅଯଥାରେ ହିଁ ଅର୍ଥହାନି ସମସ୍ୟା ଉପୁଜିବ ।

ଏହି ଗଛକୁ କାନ୍ଥରେ କିମ୍ୱା କୁଣ୍ଡରେ ଲଗାଇବା ଉଚିତ । ସିଧାସଳଖ ମାଟି ଉପରେ ଏହାକୁ ଲଗାଇଲେ ମଧ୍ୟ କୁପ୍ରଭାବ ପଡ଼େ । ମନି-ପ୍ଲାଣ୍ଟ ଗଛ ଯେପରି ଝାଉଁଳି ନଯାଏ ସେଥିପ୍ରତି ମଧ୍ୟ ସଚେତନ ରହିବା ଆବଶ୍ୟକ । ହଳଦୀ ରଙ୍ଗର ପତ୍ରକୁ ଛିଣ୍ଡାଇ ଦେବା ଉଚିତ ।

ଦକ୍ଷିଣ-ପଶ୍ଚିମ ଦିଗରେ ମନି-ପ୍ଲାଣ୍ଟ ଚାରାରୋପଣ କରିବା ସହ ରୀତିମତ ପାଣି ଦେବା ଭଲ ।

## ଗଛର ଜନ୍ମଦିନ ପାଳିଲେ ଅଧ୍ୟାପକ

'କୁହାଯାଏ ୧୦ଟି ପିଲାର ଲାଳନ ପାଳନ କରିବା ଭଳି ଫଳ ଗୋଟିଏ ଗଛ ଲଗାଇଲେ ମିଳେ । ଏମିତିରେ ବାପା, ମା' ଯଦି ପିଲାମାନଙ୍କର ଜନ୍ମଦିନ ପାଳନ କରନ୍ତି, ତେବେ ଗଛମାନଙ୍କର କାହିଁକି ନୁହେଁ । ଆମେ ବଡ଼ ଶ୍ରଦ୍ଧାର ସହ ଗଛ ଲଗାନ୍ତି, ସେଥିରେ ପାଣି, ସାର ଦିଅନ୍ତି । ବଦଳରେ ଗଛ ଆମକୁ ବହୁତ କିଛି ଦେଇଥାଏ ।' ଏକଥା କହନ୍ତି ରାଜସ୍ଥାନର ବିକାନେରର ରାଜେନ୍ଦ୍ର ପୁରୋହିତ ଓ ଅନୀଲା ପୁରୋହିତ । ଏମାନେ ବିକାନେରର ସବୁଠୁ ବଡ଼ କଲେଜ ଡୁଙ୍ଗର ମହାବିଦ୍ୟାଳୟରେ ଅଧ୍ୟାପନା କରନ୍ତି । ଏମାନଙ୍କର ପେସା ଅଧ୍ୟାପନା, କିନ୍ତୁ ନିଶା ଗଛ ଲଗାଇବା । ବର୍ଷକ ତଳେ କଲେଜ ପରିସରରେ ଏମାନେ ଏକ ଅଶ୍ୱତ୍‌ଥ ଗଛ ଲଗାଇଥିଲେ । ବର୍ଷେ ଧରି ସେ ଗଛର ଯତ୍ନ ନେଲେ । ନିକଟରେ ତାର ଜନ୍ମଦିନ ପାଳନ କରି ଚର୍ଚ୍ଚାରେ ଅଛନ୍ତି । ପୃଥିବୀ ଓ ପରିବେଶ ପାଇଁ ଗଛ କେତେ ଜରୁରୀ, ଏକଥା କହିବାର ଆବଶ୍ୟକତା ନାହିଁ । ତଥାପି ନିଜ ଛାତ୍ରଛାତ୍ରୀଙ୍କୁ ଗଛ ଲଗାଇବାର ବାର୍ତ୍ତା ଦେବାକୁ ସେମାନେ ଏହି ନିଆରା ପ୍ରୟାସ କରିଥିଲେ । ଅଶ୍ୱତ୍‌ଥ ଗଛର ଜନ୍ମଦିନ ପାଳନ ପାଇଁ ତାକୁ ଭଲ ଭାବେ ସଜାଯାଇଥିଲା । ବ୍ରାହ୍ମଣଙ୍କୁ ଡାକି ପୂଜା ପାଠ କରାଯାଇଥିଲା । କେକ୍ ବି କଟାଯାଇଥିଲା । ଅନ୍ୟପଟେ ରାଜେନ୍ଦ୍ର ପୁରୋହିତ ଓ ଅନୀଲା ପୁରୋହିତ ପ୍ରଥମ ଥର ପାଇଁ ଏହି ପ୍ରୟାସ କରିନାହାନ୍ତି । ପୂର୍ବରୁ ସେହି ଅଞ୍ଚଳରେ ସେମାନେ ଅନେକ ବୃକ୍ଷରୋପଣ କରିଛନ୍ତି । ସେମାନଙ୍କ ଏହି କାମ ଛାତ୍ରଛାତ୍ରୀଙ୍କ ମନରେ ବହୁ ସକରାତ୍ମକ ପ୍ରଭାବ ପକାଉଛି । କିଛି କ୍ଷେତ୍ରରେର ଛାତ୍ରଛାତ୍ରୀ ମଧ୍ୟ ଏହି କାମରେ ସାମିଲ ହେଉଛନ୍ତି ।



## ୬% ଆମେରିକୀୟ ବୈବାହିକ ଜୀବନ ସଫଳ

ପାଶ୍ଚାତ୍ୟ ଦେଶରେ ନୀତିନିୟମ ସବୁକିଛି ଅଲଗା । ବିବାହ ଓ ବିଚ୍ଛେଦକୁ ନେଇ ବିଦେଶ ରାଇଜ (ଆମେରିକା, ଇଉରୋପ)ର ଲୋକ ଏତେଟା ବ୍ୟସ୍ତ ହୋଇନଥାନ୍ତି । ମନ ନ ମିଶିଲେ ଦମ୍ପତି ଆପୋଷ ବୁଝାମଣାରେ ପରସ୍ପରଠାରୁ ଅଲଗା ହେବାର ନିଷ୍ପତ୍ତି ନେଉଥିବାର ଦେଖାଯାଉଛି । ଭାରତୀୟ ସଭ୍ୟତାରେ ସେପରି ନାହିଁ । ଅଧିକାଂଶଙ୍କ କହିବାର କଥା ହେଲା, ବାହାଘର ଖେଳଘର ନୁହେଁ । ପରସ୍ପର ମନ ମିଶାଇ ଆଜୀବନ ଚଳିବା ହିଁ ବିବାହର ପ୍ରଥମ ଓ ପ୍ରମୁଖ ନିୟମ । ଆମ ଦେଶରେ ଗାଁଗଣ୍ଡାଠାରୁ ଆରମ୍ଭ କରି ନଗର, ମହାନଗରୀ ପର୍ଯ୍ୟନ୍ତ ହିସାବ କଲେ ୪୦%ରୁ ଅଧିକ ବୟସ୍କ ଦମ୍ପତି ସେମାନଙ୍କ ୫୦ତମ ବିବାହବାର୍ଷିକୀ ପାଳନ କରିସାରିଥିବାର ଜାଣିବେ । ତେବେ ନିକଟରେ ହୋଇଥିବା ଏକ ଅନ୍-ଲାଇନ୍ ସର୍ବେକ୍ଷଣରୁ ଜଣାପଡ଼ିଛି, ମାତ୍ର ୬% ଆମେରିକୀୟ ଦମ୍ପତି ସେମାନଙ୍କ ୫୦ ତମ ବିବାହ ପୂର୍ତ୍ତି କରିଥାନ୍ତି । ଅନ୍ୟମାନେ ବିବାହର କିଛି ବର୍ଷ ପରେ ହିଁ ପରସ୍ପରଠାରୁ ଅଲଗା ହୋଇଯାଇଥିବାର ଦେଖାଯାଇଛି । ଆମେରିକା ବାସିନ୍ଦା ୧୦୨ ବର୍ଷୀୟ ରାଲ୍ଫ କୋହଲର୍ ଓ ତାଙ୍କ ପତ୍ନୀ ୧୦୦ ବର୍ଷୀୟା ଡୋରୋଥି ରେଡିଙ୍ଗ ନିକଟରେ ସେମାନଙ୍କ ୮୪ତମ ବିବାହ ବାର୍ଷିକୀ ପାଳନ କରିଛନ୍ତି । ଖୁବ୍ କମ୍ ବୟସରେ ଦୁହେଁ ବିବାହ କରିଥିବାରୁ ସେମାନଙ୍କୁସେ ସମୟରେ ବନ୍ଧୁବାନ୍ଧବ କହିଥିଲେ, ଅତି ଶୀଘ୍ର ସେମାନଙ୍କ ବିଚ୍ଛେଦ ହେବ । ହେଲେ ଦୁହିଁଙ୍କ ବୁଝାମଣା ହିଁ ସେମାନଙ୍କ ବୈବାହିକ ଜୀବନକୁ ଦୀର୍ଘ କରିଥିବାର କହିଛନ୍ତି । ମନୋମାଳିନ୍ୟ ହୋଇଛି ସତ, କିନ୍ତୁ ବିଚ୍ଛେଦ ସେସବୁର ସମାଧାନ ନଥିଲା ବୋଲି କହିଛନ୍ତି ରାଲ୍ଫ । ତାଙ୍କର ୩ ପିଲା, ସମସ୍ତେ ଖୁସିରେ ଅଛନ୍ତି । ଚତୁର୍ଥ ପିଢ଼ି ଦେଖିସାରିଲେଣି ଏଇ ବୟସ୍କ ଦମ୍ପତି ପିଲାମାନଙ୍କୁ ସବୁବେଳେ ପରାମର୍ଶ ଦେଇଆସୁଛନ୍ତି, ସୁଖୀ ପରିବାରର ମୁଖ୍ୟ ସୂତ୍ର ହେଲା ବୈବାହିକ ଜୀବନକୁ ସଫଳ କରିବା ।




## ପ୍ରତିଦିନ ଗୋଟିଏ କମଳା ଖାଇବାର ଫାଇଦା ଜାଣନ୍ତୁ

ଶୀତଦିନେ ପ୍ରଚୁର ମାତ୍ରାରେ କମଳା ମିଳିଥାଏ । କମଳାରେ ପ୍ରଚୁର ମାତ୍ରାରେ ଭିଟାମିନ ସି ରହିଥାଏ । ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଶୀତ ଦିନେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇପଡ଼ିବାରୁ ଥଣ୍ଡା, କାଶ ଓ ଜ୍ୱର ଆଦି ହୋଇଥାଏ । ଶୀତଦିନେ ପ୍ରତିଦିନ ଗୋଟିଏ ଲେଖାଏଁ କମଳା ଖାଇଲେ ଏହା ଶରୀରକୁ ରୋଗରୁ ବଞ୍ଚାଇଥାଏ ।

କମଳାରେ ପ୍ରଚୁର ପରିମାଣରେ ଫାଇବର ରହିଥାଏ । କମଳା ଖାଇବା ଦ୍ୱାରା ବାରମ୍ବାର ଭୋକ ହୋଇ ନଥାଏ । ଯାହାଦ୍ୱାରା ଆମେ କମ ଖାଦ୍ୟ ଖାଇଥାଉ । ଫଳରେ ଶରୀରର ଓଜନ ସନ୍ତୁଳନ ରହିବା ସହିତ କ୍ୟାଲୋରି ମାତ୍ରା ବି କମ୍ ରହିଥାଏ । କମଳା ଖାଇବା ଦ୍ୱାରା କିଡନିରେ ଷ୍ଟୋନ ହେବାର ସମ୍ଭାବନା କମ ରହିଥାଏ । ପରିଶ୍ରାରେ ସାଇଟ୍ରେଟ କମ ହେତୁ କିଡନିରେ ଷ୍ଟୋନ ହୋଇଥାଏ । ସାଇଟ୍ରେଟ ଏକ ସାଇଟ୍ରିକ ଏସିଡ ହୋଇଥାଏ, ଯାହା ବିଶେଷ ଭାବେ କମଳା ଭଳି ଖଟା ଫଳରେ ରହିଥାଏ । ଯେଉଁମାନଙ୍କ ପେଟରେ ପଥର ହେବାର ସମ୍ଭାବନା ଥାଏ, ସେମାନଙ୍କୁ ବିଶେଷ ଭାବେ ସକାଳୁ ଗୋଟିଏ ଗ୍ଲାସ କମଳା ରସ ପିଇବାକୁ ଦିଆଯାଇଥାଏ । ଏହା ପରିଶ୍ରାରେ ସାଇଟ୍ରେଟସ୍ତରକୁ ବୃଦ୍ଧି କରିଥାଏ, ଯଦ୍ୱାରା ଷ୍ଟୋନ ହେବାର ସମ୍ଭାବନା କମ ରହିଥାଏ । ସାଧାରଣତଃ ଖଟା ଫଳ ଯେମିତି କି କମଳା ଷ୍ଟୋକ ହେବାର ସମ୍ଭାବନାକୁ କମ କରିଥାଏ । କମଳା କେବଳ ଯେ ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ତାହା ନୁହେଁ, ଏହା ଆମ ତ୍ୱଚା ଓ କେଶ ପାଇଁ ବି ଭଲ କାମ କରିଥାଏ ।



## ଘରେ ପ୍ରସ୍ତୁତ କରନ୍ତୁ ଡାଲ ମିଟ୍



**ଆବଶ୍ୟକ ସାମଗ୍ରୀ:** ମଟନ, ବୁଟଡାଲି, ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ଧନିଆପତ୍ର, ଲୁଣ, ହଳଦି, ସୋରିଷ ତେଲ, ରିଫାଇନ ତେଲ, ଦହି, ଡାଲଚିନ୍ ପାଉଡର, ଗୋଲମରିଚ, ତେଜପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ମଟନ, ସୋରିଷ ତେଲ, ଅଦାରସୁଣ ପେଷ୍ଟ, ପିଆଜ କଟା, ଲୁଣ, ଦହି ଆଦି ପକାଇ ମ୍ୟାରିନେଟ କରି ରଖନ୍ତୁ । ବୁଟ ଡାଲିକୁ ଭିଜାଇ ଅଧ ଘଣ୍ଟା ରଖି ଦିଅନ୍ତୁ ।

ଏହାପରେ ଗ୍ୟାସ୍‌ରେ ଏକ ପ୍ୟାନ୍ ବସାଇ ସେଥିରେ ରିଫାଇନ ତେଲ ପକାଇ ଗରମ କରନ୍ତୁ । ତେଲ ଗରମ ହେବା ପରେ ସେଥିରେ ପିଆଜ କଟା ପକାନ୍ତୁ । ପିଆଜ ଫ୍ରାଏ ହେବା ପରେ ସେଥିରେ ଅଦା ରସୁଣ ପେଷ୍ଟ ପକାନ୍ତୁ । ତାହା କଷି ହେବା ପରେ ସେଥିରେ ମଟନ ପକାନ୍ତୁ । ଏହାପରେ ସେଥିରେ ଲୁଣ, ହଳଦି, ଧନିଆ ଗୁଣ୍ଡ, ଜିରା ଗୁଣ୍ଡ, ଗୋଲମରିଚ, ତେଜପତ୍ର ଆଦି ପକାନ୍ତୁ । ଏହାକୁ ଭଲ ଭାବେ ଗୋଳାଇ ସେଥିରେ ବୁଟ ଡାଲି ପକାଇ ଗୋଳାନ୍ତୁ । ଏହାପରେ ସେଥିରେ ପାଣି ପକାନ୍ତୁ । ଏହାପରେ ଏହାକୁ ସିଝିବାକୁ ଛାଡ଼ିଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଡାଲ୍ ମିଟ୍' ରେସିପି । ସେଥିରେ ଡାଲଚିନି ପାଉଡର ଓ ଧନିଆପତ୍ର ପକାଇ ଗରମାଗରମ ପ୍ଲେଟକୁ ସର୍ଭ କରନ୍ତୁ । ଭାତ କିମ୍ୱା ରୁଟି ସହ ଏହାର ମଜା ଉଠାନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅନିଶ୍ଚିତରେ ବନ୍ୟଜନ୍ତୁ...

ମାନବ ସଭ୍ୟତାର ଆଦିକାଳରୁ କେବେ ପ୍ରସ୍ତୁତି ଏତେ ଅଧିକ ଉଗ୍ର ହୋଇନଥିଲା । ପ୍ରାକୃତିକ ବିପଦ ଓ ବିପର୍ଯ୍ୟୟ ସୀମା ଟପିଗଲାଣି । କେଉଁଠି ବନାଗ୍ନି ଭୟଙ୍କର ରୂପ ନେଲାଣି ତ' ଆଉ କେଉଁଠି କ୍ରମାଗତ ଭୂକମ୍ପ ନେଲାଣି ଅସୁମାରୀ ଜୀବନ। ଏମିତି କେତେକାଳ ଲାଗି ରହିଲେ ସମୟ ଆସିବ, ମାନବ ସଭ୍ୟତା ବିଲୁପ୍ତିର ମାର୍ଗ ଦେଖୁବ । ମନୁଷ୍ୟକୃତ ଯୁଦ୍ଧ ବିଭୀଷିକା ଏମିତିରେ ଲକ୍ଷ ଲକ୍ଷ ଜୀବନ ନେଉଛି, ସେଥିରେ କିଭଳି ଓ କେବେ ପୂର୍ଣ୍ଣଛେଦ ପଡ଼ିବ, ତାହା ଜାଣିହେଉନାହିଁ । ଅବିଚାରିତ ଭାବେ ମଣିଷ ପ୍ରକୃତି ଉପରେ ଯେଉଁଭଳି ଅତ୍ୟାଚାର କରିଚାଲିଛି, ତାହାର ପରିଣତି ଦେଖିବାକୁ ସୁଦ୍ଧା ମଣିଷ ହୁଏତ ନଥିବ । ଏଭଳି ଏକ ସମୟ ଥିଲା, ଯେତେବେଳେ କି ଡାଇନୋସର, ଟ୍ରାଇନୋସର ଭଳି ପ୍ରକାଣ୍ଡକାୟ ଜୀବ ରାଜତ୍ୱ କରୁଥିଲା । ତୃଣଭୋଜୀ ବୋଲି ପ୍ରକାଣ୍ଡ ଜୀବ ସମସ୍ତଙ୍କୁ ଡରାଉଥିଲା, କେଉଁ କାରଣରୁ ତାହା ପୃଥିବୀପୃଷ୍ଠରୁ ଲୋପ ପାଇଗଲା, ଏବେ ବି' ରହସ୍ୟ ଭିତରେ ରହିଛି ! ଡାଇନୋସରର ଜୀର୍ଣ୍ଣ କଙ୍କାଳ ଓ ଜୀବାଶ୍ମ ମିଳୁଥିବାର ଭୂତତ୍ତ୍ୱବିତ୍‌ମାନେ ଜାଣିପାରୁଛନ୍ତି । ତାହା ଉପରେ ଚଳାଯାଉଥିବା ପରୀକ୍ଷା ନିରୀକ୍ଷାରୁ ଜାଣିହେଉଛି ଯେ, ଶହ ଶହ ବର୍ଷ ଧରି ଧରାପୃଷ୍ଠରେ ସେହି ବିଶାଳକାୟ ଜୀବ ଥିଲେ । ମାତ୍ର ଯେଉଁ କାରଣରୁ ସେହି ପ୍ରଜାତି ଲୋପ ପାଇଗଲା, ତାହାର ନିର୍ଦ୍ଦିଷ୍ଟ କାରଣ ଜଣାଯାଇପାରୁନାହିଁ । କିଏ କହୁଛନ୍ତି ଭୟଙ୍କର ଭୂକମ୍ପ ପ୍ରଳୟଙ୍କାରୀ ଡାଇନୋସର ଲୁପ୍ତହେବାର କାରଣ ହୋଇଥିବ । ଛାତ୍ରଛାତ୍ରୀମାନେ ଆଜିକା ଦିନରେ ପ୍ରକାଣ୍ଡକାୟ ଜୀବର ଛବି ଦେଖି କିଛି ଧାରଣା କରୁଛନ୍ତି । ସମୟ ଆସିବ, ବିଶାଳକାୟ ହସ୍ତୀ ସମ୍ପର୍କରେ ନୂଆ ପିଢ଼ି ଛବି ଦେଖି ହାତୀ ବିଷୟରେ ଧାରଣା ନେବେ । ସେ ସମୟ ଆସିଯିବାର ବେଶୀ ବିଳମ୍ବ ନାହିଁ । ପ୍ରତିବର୍ଷ ଯେଉଁ ହାରରେ ହାତୀବଂଶ ଲୋପ ପାଇବାରେ ଲାଗିଛି, କିଏ କହିପାରେ ହସ୍ତୀ ସମ୍ପଦର ଲୋପ ପାଇବାକୁ ବେଶୀ ସମୟ ଲାଗିବ ବୋଲି। ହାତୀ ଭଳି ଅଧିକରୁ ଅଧିକ ବନ୍ୟପ୍ରାଣୀ ସହର ଓ ଜନପଦମୁହାଁ ହେବାରେ ଲାଗିଛନ୍ତି। ବଣ ଜଙ୍ଗଲରେ ସେମାନଙ୍କ ପାଇଁ ଖାଦ୍ୟ ମିଳୁନାହିଁ । ଧାନ ଓ ଅନ୍ୟ ଶସ୍ୟ ଖାଇବା ପାଇଁ ଜଙ୍ଗଲ ଛାଡ଼ି ସହର ଓ ଗ୍ରାମାଭିମୁଖୀ ହେଉଥିବା ଦେଖାଯାଉଛି। ତଥ୍ୟ କହୁଛି: ଗତ ଦଶ ବର୍ଷ ଭିତରେ ୭୮୪ ହାତୀ ପ୍ରାଣ ହରାଇଛନ୍ତି । କେଉଁମାନେ ଶିକାରୀମାନଙ୍କ ହାତରେ ପ୍ରାଣ ହରାଇଛନ୍ତି, କେଉଁମାନେ ବିଦ୍ୟୁତ୍ ଆଘାତଜନିତ ହେଉଛି। ନିୟମିତ ବ୍ୟବଧାନରେ ଦେଖାଯାଉଛି, ବାଟବଣା ହୋଇ ପିଲା ହାତୀପଲ ସହର ଭିତରକୁ ପଶିଯାଉଛନ୍ତି । କୂଅ ଓ ବାମ୍ଫି ଭିତରେ ଫସିଯାଇ ପିଲା ହାତୀମାନଙ୍କୁ ଉଦ୍ଧାର କରୁଛନ୍ତି । ଗୋଠ ହୋଇ ଆସିଥିବା ହାତୀମାନେ ଶାବକ ହାତୀକୁ ବାହାର କରିବାକୁ ପହଞ୍ଚିଥିବା ଲୋକମାନଙ୍କୁ କଚାଡ଼ିବାକୁ ପଛାନ୍ତି ନାହିଁ । ଘର ଭାଙ୍ଗିବା, ଲୋକଙ୍କୁ ଦଳି କଚାଡ଼ି ମାରିଦେବାର ବହୁ ଖବର ମିଳୁଛି। ପିଲା ହାତୀମାନଙ୍କୁ ବଡ଼ମାନେ ଉଦ୍ଧାର କରିବା ଦୁରୂହ କଥା, ତାହା ସତ୍ତ୍ୱେ ସେମାନେ ମେଳି କରି ପରିତ୍ୟକ୍ତ କୂଅ କିମ୍ବା ବାମ୍ଫ ପାଖରେ ସେମାନେ ରୁଣ୍ଡ ହେଉଥିବାର ଦେଖିବାକୁ ମିଳୁଛି । କିଭଳି ହାତୀସଂଖ୍ୟା ହ୍ରାସ ରୋକିହେବ, ତାହା କେବଳ ବନ ବିଭାଗ ପାଇଁ ବୃହତ୍ ଆହ୍ୱାନ ହୋଇ ଛିଡ଼ା ହୋଇଛି । କେବଳ ସେତିକି ନୁହେଁ, ଶିକାରୀମାନଙ୍କ ଦ୍ୱାରା ହାତୀ ଶିକାର ଅବାଧ ଭାବରେ ଚାଲିଥିବା ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି। ହାତୀ ଶିକାର କରି ଦାନ୍ତ ଚୋରି ଓ ଚାଲାଣ ହେଉଥିବାର ଖବର ସାମ୍ନାକୁ ଆସିବାରେ ଲାଗିଛି। ତାହାକୁ ରୋକଯିବା ଦିଗରେ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନାହିଁ । ତସ୍କରମାନଙ୍କୁ ଧରାଯିବା ଓ ସେମାନଙ୍କ ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ କରାଯିବା ଦରକାର। ବାଘ ସଂଖ୍ୟା ଯେଉଁ ହାରରେ ବଢ଼ିବା କଥା ତାହା ହେଉନାହିଁ । ବିଭିନ୍ନ ସ୍ଥାନରେ ବାଘଛାଲ ଚାଲାଣକାରୀମାନଙ୍କୁ ଗିରଫ କରାଯାଉଛି । ସେମାନେ ହଜାର ହଜାର ଟଙ୍କାରେ ଛାଲ ବିକ୍ରି କରି ଲାଭ ପାଉଛନ୍ତି। ବଜ୍ରକାପ୍ତାଗୁଡ଼ିକ ଭଳି ବିରଳ ପ୍ରାଣୀ ଲୋପ ପାଇବା ଚିନ୍ତାଜନକ ବ୍ୟାପାର ହେଲାଣି । କେତେକ ସ୍ଥାନରେ ଜିଅନ୍ତା ଗୋଧି, ଝିଙ୍କ, ବଜ୍ରକାପ୍ତା ଇତ୍ୟାଦିଙ୍କ ଉଦ୍ଧାର ସୂଚାଉଛି କି, ସବୁ ବିରଳ ପ୍ରଜାତି ଲୋପ ହୋଇଯିବାର ସମୟ ବେଶୀ ଦୂର ନାହିଁ । ପ୍ରାଣୀ ଉଦ୍ୟାନରେ ଅପେକ୍ଷାକୃତ ସୁରକ୍ଷିତ ରହିଥିବା ଜୀବଜନ୍ତୁ ଦର୍ଶକମାନଙ୍କୁ କିଛି କାଳ ପାଇଁ ଆମୋଦିତ କରି ରଖିଯାରନ୍ତି, ମାତ୍ର ତାହା ବଣ ଜଙ୍ଗଲରେ ମୁକ୍ତ ପବନରେ ବୁଲୁଥିବା ପ୍ରାଣୀ ସମ୍ପଦର ବିକଳ୍ପ ହୋଇପାରିବନି । ସେମାନଙ୍କ ବଂଶବୃଦ୍ଧି ସହ ଅବାଧ ବିଚରଣ ଓ ସୁରକ୍ଷା ହିଁ ବାସ୍ତବତାକୁ ପ୍ରମାଣିତ କରିବ ।

# ଆତ୍ମହତ୍ୟାରେ ଭାରତର ରେକର୍ଡ୍

### ଡାକ୍ତର ସମ୍ରାଟ କର



ପୃଥିବୀର ଯେକୌଣସି ଅନ୍ୟ ଦେଶ ଅପେକ୍ଷା ଭାରତରେ ଅଧିକ ଆତ୍ମହତ୍ୟା ହେଉଛି। ଉଦ୍‌ବେଗର ବିଷୟ ଯେ ଗତ କିଛିବର୍ଷ ଭିତରେ ଏହାର ହାର ବଢ଼ି ଚାଲିଛି। ଏହାର ସଂଖ୍ୟା ଉଭୟ ପୂର୍ଣ୍ଣ ତଥା ଆପେକ୍ଷିକ ଦୃଷ୍ଟିକୋଣରୁ ଅଧିକ। ଲାନସେଟିଂ ପତ୍ରିକାରେ ପ୍ରକାଶିତ ଏକ ଅନୁଧ୍ୟାନ ଅନୁସାରେ ଭାରତରେ ବିଶ୍ୱ ଜନସଂଖ୍ୟାର ୧୮ ପ୍ରତିଶତ ଲୋକ ରହୁଥିବା ବେଳେ ପୃଥବୀରେ ମହିଳା ଆତ୍ମହତ୍ୟାର ୩୭ ପ୍ରତିଶତ ଓ ପୁରୁଷ ମାନଙ୍କ ମଧ୍ୟରେ ହେଉଥିବା ଆତ୍ମହତ୍ୟାର ୨୪ ପ୍ରତିଶତ ଏ ଦେଶରେ ଘଟୁଛି। ଅର୍ଥାତ୍ ପୃଥିବୀରେ ଆତ୍ମହତ୍ୟା କରୁଥିବା ପ୍ରତି ୩ଜଣ ମହିଳାଙ୍କ ମଧ୍ୟରୁ ଜଣେ ଓ ପ୍ରତି ୪ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ହେଲେ ଭାରତୀୟ। ଏହି ଅନୁଧ୍ୟାନରେ ଭାରତ ସରକାର ଓ ଦେଶର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ତଥା ଚିକିତ୍ସା ଅନୁଷ୍ଠାନଗୁଡ଼ିକ ସାମିଲ ଥିଲେ। ଏ ଦୃଷ୍ଟିରୁ ପ୍ରକାଶିତ ତଥ୍ୟକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଫଳାଫଳରୁ ଦେଖାଯାଉଛି ଯେ ପୁରୁଷଙ୍କ ଆତ୍ମହତ୍ୟା ହାର ଉଚ୍ଚ ଥିବାବେଳେ ତାହାଠାରୁ ଅଧିକ ହେଲା ମହିଳା ଆତ୍ମହତ୍ୟା ହାର। ପ୍ରତି ବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ଆତ୍ମହତ୍ୟା ବନ୍ଦ କରିବା ପାଇଁ ସମ୍ମିଳିତ କାମ କରିବା'।

ଆତ୍ମହତ୍ୟା ଏକ ମନସ୍ତାତ୍ତ୍ୱିକ ତଥା ସମାଜ ବିଜ୍ଞାନ ସମ୍ପର୍କିତ ପ୍ରସଙ୍ଗ। ଏହା ଏକ ସ୍ୱାସ୍ଥ୍ୟଗତ ଚ୍ୟାଲେଞ୍ଜ। ଏହି ସମସ୍ୟାରେ ଲିଙ୍ଗଗତ ତାରତମ୍ୟକୁ ଦେଖିଲେ ଜଣାପଡୁଛି ଯେ ଭାରତୀୟ ମହିଳାଙ୍କ ମଧ୍ୟରେ ନିଜ ଜୀବନ ନେବାର ବିପଜ୍ଜନକ ଆକର୍ଷଣ ଅଧିକ। ଏହା ହୁଏତ ଲିଙ୍ଗତ ନ୍ୟୁନସ୍ଥିତ ଓ ମହିଳା ବିରୋଧୀ ପାତରଅନ୍ତର ସମସ୍ୟା ଯୋଗୁଁ ଉପୁଜୁଥାଇପାରେ। ବିକୃତିଯୁକ୍ତ ନିର୍ଯାତନା, ଘରୋଇ ହିଂସା, ଅର୍ଥନୈତିକ ସୁଯୋଗ ଓ ସ୍ୱାଧୀନତାର ଅଭାବ, ଚିକିତ୍ସା ସୁବିଧା ନମିଳିବା ବିଶେଷ ଭାବରେ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଚିକିତ୍ସା ଓ ପରାମର୍ଶର ଅଭାବ ଆଦି କାରଣ ମହିଳାଙ୍କ ପାଇଁ ଜୀବନକୁ ଅଧିକ ଦୁର୍ବିସହ କରୁଥାଇପାରେ। ଏପରିକି ମହିଳାଙ୍କର ଶିକ୍ଷା ଓ ଅର୍ଥନୈତିକ ସ୍ୱାଧୀନତାରେ ପ୍ରଗତି ସତ୍ତ୍ୱେ ସାମାଜିକ ଓ ପାରିବାରିକ ପକ୍ଷପାତିତା ତଥା ଅତ୍ୟାଚାର ଅବ୍ୟାହତ ରହୁଛି। ଏଣୁ ମହିଳାଙ୍କ ପାଇଁ ସବୁଶ୍ରେଣୀରେ ଜୀବନର ସ୍ଥିତି ଅସମାନ। ବିବାହିତା ମହିଳାଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବେଶୀ। କାରଣ ସେମାନେ ବୈବାହିକ ଜୀବନରେ ବେଶୀ ଅଶାନ୍ତି ଭୋଗୁଛନ୍ତି। ପୁରୁଷଙ୍କ ଅପେକ୍ଷା ସେମାନଙ୍କ ଲାଗି ବେଶୀ ପାରିବାରିକ ସମସ୍ୟା ରହୁଛି। ଦେଶରେ ୧୫ରୁ ୩୯ ବର୍ଷର ମହିଳାଙ୍କ ମଧ୍ୟରେ ଆତ୍ମହତ୍ୟା ଅଧିକ ସାଧାରଣ। ଅନ୍ୟ ବୟସ ଶ୍ରେଣୀ ଅପେକ୍ଷା ବିବାହିତ ଯୁବତୀଙ୍କ ମଧ୍ୟରେ ଆତ୍ମହତ୍ୟା ହାର ଅଧିକ। ବିଶ୍ୱରେ ୧୯୯୦ ଦଶକରେ ଯେତିକି ଆତ୍ମହତ୍ୟା ହେଉଥିଲା ସେଥିରେ ମହିଳାଙ୍କ ଅଂଶ ୨୫.୩ ପ୍ରତିଶତ ଥିଲା। ୨୦୨୨ରେ ତାହା ୩୯.୮ ପ୍ରତିଶତକୁ ବୃଦ୍ଧି ପାଇଛି। ତାର ଅର୍ଥ ସମଗ୍ର ପୃଥିବୀରେ ମହିଳା ଆତ୍ମହତ୍ୟା ବଢୁଛି। ଏହାର ଅନ୍ୟ ଏକ ଅର୍ଥ ଦେଖିବାକୁ ଗଲେ ଏହି ସମୟ ଭିତରେ ଅର୍ଥନୈତିକ ପ୍ରଗତି ତ୍ୱରାନ୍ୱିତ ହୋଇଥିବା ସତ୍ତ୍ୱେ ମହିଳାଙ୍କ ଦୁଃଖ ଓ ମୃତ୍ୟୁ ମଧ୍ୟ ବେଶୀ ହୋଇଛି। କୁହାଯାଇପାରେ ଯେ ଆର୍ଥିକ ପ୍ରଗତି ଯୋଗୁଁ ମହିଳାଙ୍କ ଉପରେ ଚାପ ବଢ଼ିଛି। ଏହି ସମୟ ଭିତରେ ପୁରୁଷ ପ୍ରଧାନ ଦୃଷ୍ଟିଭଙ୍ଗୀ କଠୋର ହେବା ସାଙ୍ଗକୁ ମହିଳାଙ୍କ ପ୍ରତି ନିର୍ଯାତନା ଅଧିକ ହୋଇଛି କି? ୨୦୧୭ରେ ବିଶ୍ୱ ବ୍ୟାଙ୍କ ରିପୋର୍ଟରେ ପ୍ରକାଶ ପାଇଛି ଯେ ଭାରତରେ କର୍ମଜୀବୀ ଶ୍ରେଣୀରେ ମହିଳାଙ୍କ ସମ୍ପୃକ୍ତି ଗତ କିଛି ବର୍ଷ ଭିତରେ କମି ଆସିଛି। ବିଶ୍ୱସ୍ତରରେ ଏ କ୍ଷେତ୍ରରେ ଯେଉଁ ୧୩୧ଟି ଦେଶକୁ ନେଇ ସୂଚୀ ପ୍ରସ୍ତୁତ କରାଯାଇଛି ସେଥିରେ ଭାରତର ସ୍ଥାନ ୧୨୦। ତାର ଅର୍ଥ ଭାରତରେ ମହିଳାଙ୍କ ପାଇଁ ଆର୍ଥିକ ସୁଯୋଗ ନିଯୁକ୍ତି ଆକାରରେ ସଂକୁଚିତ ହୋଇଯାଇଛି। ଯେତିକି ନିଯୁକ୍ତି ସୃଷ୍ଟି ହେଉଛି ତାର ବିଶେଷ ଭାଗ ପୁରୁଷଙ୍କ ପାଖକୁ ଯାଉଛି। ପରିବାର ବା ସମାଜର ସମର୍ଥନ ଥିବା ପାରମ୍ପରିକ ଢ଼ାଞ୍ଚା ମଧ୍ୟ ଅର୍ଥନୈତିକ ପ୍ରଗତିର ଧାରାରେ ଦୁର୍ବଳ ହୋଇଗଲାଣି। ତାହା ମହିଳାଙ୍କ ପାଇଁ ବେଶୀ କ୍ଷତିକାରକ। ଆଗରୁ ମହିଳାମାନେ ଘରୁ ଆପାତତଃ ସୁରକ୍ଷା ପାଉଥିଲେ। ସମୟ ବଦଳୁଥିଲେ ବି ସେମାନଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଦେଇ ସେମାନଙ୍କ ପାଇଁ ଅର୍ଥନୈତିକ ସ୍ୱାଧୀନତାର ବ୍ୟବସ୍ଥା କରିବା ସହ ପରିବାର ବି ମହିଳାଙ୍କୁ ପୂର୍ଣ୍ଣ ସମର୍ଥନ ଦେବା ଲୋଡ଼ା। ମହିଳା ଦୁର୍ବଳ ହୋଇଗଲେ ପରିବାର ତଥା ସମାଜର ସ୍ଥିତି ଖରାପ ହୋଇଯିବ।


ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍,
ପୁରୀଘାଟ ରୋଡ଼, କଟକ,


### ଆତ୍ମହତ୍ୟା ପ୍ରବଣତା ବଢୁଛି ଅଧିକ ଯୁବବର୍ଗ ସର୍ବାଗ୍ରେ କଟକ ସହରାଞ୍ଚଳ

*ରାଜ୍ୟରେ ଉଦବେଗ ଜନକ ଭାବେ ଆତ୍ମହତ୍ୟା ପ୍ରବଣତା ବଢୁଛି। ତେବେ ଅଭାବନୀୟ ଘଟଣା ହେଉଛି ଯୁବ ବର୍ଗଙ୍କ ଆତ୍ମହତ୍ୟା ପ୍ରବଣତା। ଗତ ସାତ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ପୋଲିସ ଜିଲ୍ଲାରେ ଆତ୍ମହତ୍ୟା ସଂଖ୍ୟା ବଢ଼ିଥିବାବେଳେ ଏଥିରେ ସର୍ବାଗ୍ରେ ରହିଛି କଟକ ସହରାଞ୍ଚଳ ପୋଲିସ ଜିଲ୍ଲା। ଚଳିତ ବିଧାନସଭାରେ ଗୃହରାଷ୍ଟ୍ରମନ୍ତ୍ରୀ ଏହି ତଥ୍ୟ ଉପସ୍ଥାପନ କରିଛନ୍ତି। ସମଗ୍ର ୩୮୮୮ ଜଣ ଆତ୍ମହତ୍ୟା କରିଥିବାବେଳେ କଟକ ସହରାଞ୍ଚଳ ପୋଲିସ ଜିଲ୍ଲାରେ ୩୪୯, ସମ୍ବଲପୁରରେ ୩୩୫, ଭୁବନେଶ୍ୱର ପୋଲିସ ଜିଲ୍ଲାରେ ୧୬୫ ଏହି ତଥ୍ୟ ୨୦୧୬ର ହୋଇଥିବାବେଳେ ୨୦୨୨ରେ ସର୍ବମୋଟ ୫୬୪୯ଜଣ ଆତ୍ମହତ୍ୟା କରିଛନ୍ତି। କଟକରେ ସର୍ବାଧିକ ୮୭୫ଜଣ ଥିବାବେଳେ ଭୁବନେଶ୍ୱରରେ ୬୮୨, ସମ୍ବଲପୁରରେ ୫୯୦, ବ୍ରହ୍ମପୁରରେ ୩୧୭, ମୟୂରଭଞ୍ଜରେ ୨୮୦, କୋରାପୁଟରେ ୨୪୬ ଓ ଭଦ୍ରକରେ ୨୦୬ ଜଣ ଆତ୍ମହତ୍ୟା କରିଛନ୍ତି।*

# ଜଙ୍ଗଲ ସୁରକ୍ଷା – ଜୀବନ ରକ୍ଷା

**ଆଗକାଳେ ଯିଏ ଘରଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସି, ଗୁଆ, କଦଳୀ, ବେଲ, ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷର ସାହାଯ୍ୟ ଆଦିମ ଅଧିବାସି ମାନେ ନେଉଥିଲେ। କିନ୍ତୁ ବର୍ତ୍ତମାନ ପରିବେଷ ଅସନ୍ତୁଳନରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି।**

### ଅକ୍ଷୟ କୁମାର ରାଉତ



ଈଶ୍ୱରଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି, ତାର ପଚଂଭୂତ, ଜଳ, ସ୍ଥଳ, ବାୟୁ, ପ୍ରାଣୀ, ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି, ଶରତର ଶୁଭ୍ର ଶୋଭାତ ତ ହେମନ୍ତର କାକର, ଶୀତର ଶୀତଳତା ଓ ରିତୁରାଜ ବସନ୍ତର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ, ଷଡ଼ରିତୁ ଲୀଳାରେ ପ୍ରକୃତିର ଜୟଗାନ । ପ୍ରାକୃତିକ ସୁଷମାର ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ର, ତରଙ୍ଗ ଶୋଭିତ ନଦୀ ସକଳ, ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା, ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଆମ୍ର, ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା, ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ, ଘନସନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତିର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନସଂଖ୍ୟାର ଅଭିବୃଦ୍ଧି, କଳକାରଖାନା ମାନଙ୍କର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ମାଟି, ବାୟୁ, ଜଳ, ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି। ମନୁଷ୍ୟର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତିର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲର ଧ୍ୱଂସା ଏହି ଅବକ୍ଷୟ ପ୍ରକୃତିକୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜାକୁ ଆମ ସଂସ୍କୃତିର ମହାନ ଅଙ୍ଗ ରୂପେ ଧରି ନେଇଥିଲା। ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥିଲେ । ସେଥିପାଇଁ ବଟବୃକ୍ଷକୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜାର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତ୍ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞାନ ଲାଭ କରିଥିଲେ। ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ, ଶାଳ, ପ୍ରିୟଙ୍ଗୁ, ଶିରିଷ, ନାଗକେଶର, ଡମ୍ବୁର, ପାଟଳିକ,ଜାମୁ ଅଶ୍ୱତଥ, ଦଧିପର୍ଣ୍ଣ, ନନ୍ଦୀବୃକ୍ଷ, ତୀଳକ ତରୁ, ଚୂତ, ଅଶୋକ, ଚମ୍ପକ, ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରା ଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜା କୁ ଆହୁରୀରୁଧି ମନ୍ତ କରିଥାଏ, ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ବେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତା ଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କ ର ଖାଣ୍ଡବବନ, ରାବଣର ଅଶୋକ ବାଟିକା, ବାଳିର ମଧୁବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହାଠାରୁ ପ୍ରତି ଜୁଲାଇ ୧ ତାରିଖରୁ ୭ ତାରିଖ ପ୍ରର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତି । ଆମ ପରିବେଶ ଓ ପ୍ରାଣୀ ଜଗତକୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତୁଃପାର୍ଶ୍ୱରେ ଥିବା ବୃକ୍ଷ ଲତା ମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତାମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ। ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର ।

ଆଗକାଳେ ଯିଏ ଘରଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସି, ଗୁଆ, କଦଳୀ, ବେଲ, ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷର ସାହାଯ୍ୟ ଆଦିମ ଅଧିବାସି ମାନେ ନେଉଥିଲେ। କିନ୍ତୁ ବର୍ତ୍ତମାନ ପରିବେଷ ଅସନ୍ତୁଳନରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି। ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନ ମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି । ବୃକ୍ଷଲତା ମାନଙ୍କର ଉଚିତ୍ ଦେଖାଶୁଣା ତଥା ରକ୍ଷଣବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରା ଯାଉଛି। ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରି କଟକଣା ରହିଛି । ସରକାରଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ ।

କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା ଜୀବ ଜଗତ ସର୍ବେ ହୋଇବେ ରକ୍ଷା ।


ପାରାଦ୍ୱୀପ ଗଡ଼, କୁଜଙ୍ଗ,
ଜଗତସିଂହପୁର,
ମୋ-୯୯୩୭୬୯୧୪୭୫.




## ଅମୂଲ୍ୟ ସମ୍ପଦ ଜଳ

### ଜଗମୋହନ ପ୍ରଧାନ

ଝରଣା ନିଶବ୍ଦ ନଦୀ ଆଜି ଶୁଷ୍କ
କୂଅ ପୋଖରୀ ବି ନାହିଁ
ପ୍ରକୃତିର ଦାନ ଅମୂଲ୍ୟ ସମ୍ପଦ
ହଜିଗଲେ ଆଜି କାହିଁ।

ଯିଏ ରହିଗଲେ ପ୍ରଦୂଷିତ ହେଲେ
କୁହ ଆଜି କାହା ପାଇଁ
ଭୁଲି ଗଲୁ କିରେ ମାନବ ଜାତି ତୁ
ତା ଠୁ ମୂଲ୍ୟ କେହି ନାହିଁ।

ସବୁ ବୁଝି ସାରି ନଷ୍ଟ କରି ଗଲୁ
ପ୍ରକୃତିର ଏ ସୃଷ୍ଟିକୁ
ବୁନ୍ଦେ ଜଳ ପାଇଁ ଦୁନିଆଁ କାନ୍ଦିବ
ମନେରଖ ଏ କଥାକୁ।
ବେଳ ଥାଉ ଥାଉ ସୁଧୁରି ଯାଆତୁ
ସଚେତନତା ବାର୍ତ୍ତା ଦେ
ନଷ୍ଟ କରିବାନି ସଞ୍ଚୟ କରିବା
ସମସ୍ତଙ୍କୁ ବୁଝାଇ ଦେ।

ତା ପାଇଁ ଜୀବ ଜଗତ ଭୂମଣ୍ଡଳ
ସବୁ ଦିନ ହସୁ ଥାଏ
ଜଳ ହିଁ ଜୀବନ ଏ କଥା ଆମକୁ
ପ୍ରକୃତି ହିଁ କହୁଥାଏ।

ପ୍ରକୃତିର କଥା ଭୁଲିବୁ ନାହିଁ ତୁ
ଜୀବନ ତୋ ଥିବା ଯାଏଁ
ବୁନ୍ଦେ ବୁନ୍ଦେ ଜଳ ସଞ୍ଚୟ କରିବୁ
ମନରେ ଶପଥ ତୁ ନେ।


ଶକୁନ୍ତଳାପୁର, ବଡ଼ଚଣା, ଯାଜପୁର
ମୋ:୯୦୯୦୯୪୬୯୦୬


## ମୋ ଅଭୁଲା ସ୍ମୃତି

### ଅଞ୍ଜୁ ବାରିକ

ମନେ ପଡେ ଆଜି ପୁଣି
ମୋର ପିଲା ବେଳ,
ଗାଁ ଚାଟଶାଳୀ ସାଙ୍ଗ ସାଙ୍ଗେ
ମୋର ପୁଚି ଖେଳ ।

ପିଲା ବେଳୁ ଥିଲି ସମର୍ପିତ
ଅଧ୍ୟୟନ ପାଇଁ,
ଏକାଗ୍ରତା ଲଭି ନିଷ୍ଠେ ପାଇଲି
ସଫଳତା ମୁହିଁ ।

ଗୁରୁଜନଙ୍କ ଶିକ୍ଷା ଦାନ,ମୋ
ଜୀବନର ଉପହାର,
ପୁଣି ଥରେ ଆଜି ତାଙ୍କୁ ମୁଁ
କରୁଛି ନମସ୍କାର ।

ଛାଡିଯାଏ ମୋ ଚପଳତା
ସ୍ୱଜ୍ଞାନ ଲଭିଲେ,
ଗୁରୁ ଶିକ୍ଷା, ମାତା ପିତାଙ୍କ
ଆଶିଷ ପ୍ରାପ୍ତି କଲେ ।

ମୁହିଁ ଦିନେ ଲକ୍ଷ୍ୟ ପ୍ରତି
ହୋଇଥିଲି ଅଗ୍ରସର,
ଉଚ୍ଚ ବିଦ୍ୟାଳୟ ଗୁରୁଜନଙ୍କର
ଅଭିପ୍ରେରଣାରେ ତାଙ୍କର ।

ଅଭୁଲା ସ୍ମୃତି ପୂର୍ଣ୍ଣ ସେ
ଦୁଇ ବର୍ଷ ଜୀବନ,
ହଳଦୀପାଳି ରେ ଅବସ୍ଥିତ
ସେହି ପୂନ୍ୟ ସ୍ଥାନ ।

ଅଦୂରରେ ମୋ ଜୀବନ
କରୁଥିଲା ବାସ,
ସାଙ୍ଗ ସାଥି ମନେ ପଡିଗଲେ
ମୁଖରେ ପ୍ରକାଶୁଛି ହସ ।

ପଞ୍ଚ ପାଞ୍ଚ ବର୍ଷ ପୂର୍ଣ୍ଣ
ହୋଇଛି ଆଜି,
ଉଜ୍ଜ୍ୱଳମୟ ବିଦ୍ୟାଳୟ ମୋ
ହୋଇଛି ନାନାରଙ୍ଗେ ସାଜି ।

ପୁଣି ଥରେ ପ୍ରକାଶୟୀ
ସ୍ମୃତିର ଜୁଆର,
କେଉଁଠାରେ ଲୁଚିଥିଲା ସତେ
ଅନ୍ତର ହୃଦୟ ମୋର ।

ହୃଦୟରୁ ପ୍ରକାଶୟୀ ଆଜି
କାମନା ଏକା ମୋର,
ସ୍କୁଲ ସାଥେ ବନ୍ଧା ହୋଇଥାଉ
କେତେ ସ୍ମୃତି ମୋର ।


ସାନ-ଅମ୍ଲୀପାଲି
ବରଗଡ


## ତାରତମ୍ୟ

### ଦୀପକ କୁମାର ମିଶ୍ର



ତୁମ ଦେହରେ ଉଆସର ଗନ୍ଧ
ମୋ ଦେହରେ ଗାଁ ବୁଦାର
ହୁକେ ହୋ ଶବ୍ଦ
ତୁମେ ଆକାଶର ଜହ୍ନ
ମୁଁ ଶୃଗାଳର ସେଇ ନୀଳବର୍ଣ୍ଣ,
ପୋଷାକ ବଦଳେଇଛି ସିନା
ହୋଇପାରିଲିନି କେବେ
ନୀଳ ସମୁଦ୍ରରେ ଶାମୁକାର ରତ୍ନ ।

ଅକାତକାତ ପାଣିର ସୁଅରେ
ମୁଁ ନିଛାଟିଆ ଭଉଁରୀଟିଏ ମାତ୍ର
କୁଟାଖିଅକୁ ବାନ୍ଧିରଖେ ସିନା
ଜାହାଜର ଧକ୍କାରେ ଭାଙ୍ଗିଯାଏ
ସବୁ ମୋର ସ୍ୱପ୍ନ ।

ତୁମେ କାଳେ ପାଟରାଣୀ
ହେଉ ହେଉ ରହିଗଲ
ମୁଁ ସେଇ ଭିକାରି ନାଚାର
ଅଭିସମ୍ପାତ ସବୁ ସହିଯାଏ
ସଂଘାତପୂର୍ଣ୍ଣ ଜୀବନ ଯେ ମୋର
ମୁଁ ଦେଇପାରିନି ପାରିଜାତ ପୁଷ୍ପ
ମୁଁ ଯେ ଏକ ପଳାଶ ପରଶ ।

ତୁମେ କଇଁ
ମୁଁ ପଙ୍କିଳ ପାଉଁଶ
ତୁମେ ପୂର୍ଣ୍ଣମୀର ଜ୍ୟୋସ୍ନା
ମୁଁ ବାସନ୍ଦିତ ଅମାବାସ୍ୟାର ଚନ୍ଦ୍ର ।


ଭୁବନେଶ୍ୱର
ମୋ:୮୨୮୦୨୧୧୦୦୦


## ଜଳି ଜଳି ନିତିମରେ

### ଜଗଦୀଶ ସାହୁ



ଆଉ କାହାପାଇଁ ବଧୂବେଶ ହୋଇ
ସିନ୍ଦୁର ପିନ୍ଧିଲା ପରେ
ହୃଦୟରୁ ମୋର ହୋଇଗଲୁ ଦୂର
ଝୁରୁଛି ମୁଁ ନୀରବରେ !

ହାତଠାରି ମୋତେ ଡାକିଲେ
ତୁଯେତେ
ବୁଝିବ ନାହିଁ ମୋ ମନ
ଏବେ ମୁଁ ତୋପାଇଁ ଅଚିହ୍ନା ବାଟୋଇ
ଉଆଁସ ରାତିର ଜହ୍ନ
ଦୁଇଟି ସରଳ ରେଖା କେବେ ମେଳ
ହୋଇଛିକି ଗଣିତରେ !

ମନକୁ କ୍ଷତାକ୍ତ କରୁଛି ଅତୀତ
ପଚାରୁଛି ବାରମ୍ବାର
କି ଉତ୍ତର ଦେବି ପାରୁନି ମୁଁ ଭାବି
ଦୋଷ ବା କଅଣ ମୋର
ମନ ବନେ ନିଆଁ ଜାଳିଦେଲୁ କିଆଁ
ଜଳି ଜଳି ନିତିମରେ !


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ : ୯୦୭୮୧୮୫୬୧୬



# ବାସିଫୁଲ

**ଶକ୍ତିପ୍ରଦା ମହାପାତ୍ର**



ରତ ରତ ସଞ୍ଜବେଳ । ଘର ବାହାର ଚାରିଆଡେ ଆଲୋକର ସାଜସଜ୍ଜାରେ ଝଲ୍ସି ଉଠୁଥିଲା। ଲୋକଙ୍କର ଯିବାଆସିବା ଗହଳ ଲାଗିଥିଲା। ହାଲକା ସଙ୍ଗୀତର ଧୁନ୍ ମଧ ଚାଲୁ ରହିଥିଲା ଆଉ ଲୋକେ ଝୁମୁଥିଲେ । କାନକୁ ଶୁଣିବାକୁ ଭାରି ମିଠା ଲାଗୁଥିଲା ରାଘବକୁ। ଲୋକେ କୁହାକୁହି ହେଉଥିଲେ ଶିଳ୍ପପତି ରାୟବାହାଦୁରଙ୍କର ଗୋଟିଏ ମାତ୍ର ଝିଅ ରାଜନନ୍ଦିନୀର ଆଜି ଜନ୍ମଦିନ । ଲାଗୁଛି ଯେମିତି ସାତ ଖଣ୍ଡ ଗାଁର ମେଳଣ ଚାଲିଛି । ରାଜନନ୍ଦିନୀ ଦେଖିବାକୁ ଯେମିତି ରାଜନନ୍ଦିନୀ ଭଳି ଠିକ ସେମିତି ଗୁଣ ବି ସେମିତି । ବିଦ୍ୟାରେ ମାଆ ସରସ୍ୱତୀ ଆଉ ଦାନ ଧର୍ମ ରେ ସାକ୍ଷାତ ମାଆ ଅର୍ଣପୂର୍ଣା । ତାର ଏକା ଜିଦି ଆଜି ସେ ତା ଆଖପାଖ ଅଞ୍ଚଳର ସମସ୍ତ ଗରୀବଙ୍କୁ ନିଜ ହାତରେ ଖାଇବା ବାଢ଼ିବ । ଲୋକ ଧାଡ଼ି ଲାଗିଥାଆନ୍ତି ।

ରାଘବ ଆଡୁଆଳରୁ ଖଣ୍ଡେ ଦୂରରୁ ଏସବୁକୁ ଲକ୍ଷ୍ୟ କରୁଥିଲା। ତାକୁ ବି ଭୋକ ଲାଗୁଥିଲା ହେଲେ ଭାରି ସ୍ୱାଭିମାନି ପିଲାଟିଏ ରାଘବ। ତାକୁ ସେମିତି ମାଗଣାରେ ଖାଇବାକୁ ଭଲ ଲାଗେନି। ରଘୁନାଥ ମନ୍ଦିର ବାହାରେ ଫୁଲ ବିକି ଯାହା ଦି ପଇସା ହୁଏ ଚଳିଯାଏ ସେ ହେଲେ , ଆଜି ଖରାକୁ ଫୁଲ ଟିକେ ଝାଉଁଳି ପଡ଼ିଥିବାରୁ ଲୋକେ ବାସିଫୁଲ କହି କେହି ଫୁଲ ନେଲେନି କି ପଇସାଟିଏ ସୁଦ୍ଧା ଦେଲେ ନାହିଁ। ଅବଶ୍ୟ ଏମିତି ନୁହେଁ ଯେ ତା ସହିତ ଆଜି ହୋଇଛି ଏମିତି ଅନେକ ଥର....। ପାଣିରେ ପେଟ ପୁରାଇବାକୁ ପଡେ ତାକୁ କିନ୍ତୁ କା' ଆଗେଇ ହାତ ପତେଇବାକୁ ସେ ପସନ୍ଦ କରେ ନାହିଁ । ଭୋକରେ ଆଉଣ୍ଡି ହୋଇଯାଉଥାଏ ପେଟ । ଆଖିରୁ ଜୁଲୁଜୁଲିଆ ପୋକ ବାହାରି ପଡୁଥାଏ ତାର । କଣ ବା କରିବ ଆଉ ? କିନ୍ତୁ ତାର ଖାଇବା କଥାରେ ପରବାୟ ନଥିଲା । ଈଶ୍ୱର ସୃଷ୍ଟିକୁ ଆଣିଛନ୍ତି ମାନେ କିଛି ତ ନିଶ୍ଚିତ ରଖିଛନ୍ତି ତା ପାଇଁ, ଏ ବିଶ୍ୱାସ ନେଇ ଖୋଲା ଆକାଶର ଛାତ ତଳେ ମେଞ୍ଚେ ନୀଳିମାକୁ ମାଖିହୋଇ ଫୁଟପାତ୍‌ର ଅଣଓସାରିଆ ଚଟାଣ ଉପରେ ନିଶ୍ଚିନ୍ତରେ ଶୋଇ ପଡୁଥିଲା ରଘୁଆ ।

ମନରେ କିନ୍ତୁ ତାର ଗୋଟିଏ ଦୁଃଖ କାଶ୍ ଆଜି ତାର ବି ଏମିତି ବାପା ମାଆ ଥାଆନ୍ତେ ଆଉ ସେ ତାର ଜନ୍ମଦିନକୁ ଏମିତି ଧୁମଧାମରେ ପାଳନ କରୁଥାନ୍ତା । ରାଜନନ୍ଦିନୀ ଭଳି ସେ ନିଜ ହାତରେ ତା ପରି ଭୋକିଲାଙ୍କୁ ଖାଦ୍ୟ ପରଷି ଦିଅନ୍ତା । ଅନ୍ୟ ପିଲାଙ୍କ ପରି ସ୍କୁଲକୁ ଯାଆନ୍ତା, ଖୁବ ପାଠ ପଢ଼ନ୍ତା । ଏଥିପାଇଁ ତାର ଭଗବାନଙ୍କ ଉପରେ ଭାରି ଅଭିମାନ । କୁନି କୁନି ଆଖିରେ ତାର କେତେ଼ ବଡ଼ ବଡ଼ ସ୍ୱପ୍ନ ସତରେ ।

ରାଜନନ୍ଦିନୀ ସମସ୍ତଙ୍କୁ ଖାଇବାକୁ ଦେଇ ସାରିବା ପରେ ତାର ନଜର ଯାଇ ପଡିଯାଇଥିଲା ସେଇ ଆଡୁଆଳରେ ଠିଆ ହୋଇଥିବା ରାଘବ ଉପରେ । ରାଘବର ହାତ ଧରି ଟାଣିଆଣିଥିଲା ରାଜନନ୍ଦିନୀ ଆଉ ପଚାରିବାକୁ ଲାଗିଲା ,'ତମେ ଏଠି କାହିଁକି ଛିଡ଼ା ହୋଇଛ ଏଠିକି ଆସ ଖାଇବ ?'

ରାଘବ ନିଜକୁ ଭାରି ଅସହଜ ବୋଧ କରୁଥିଲା ଆଉ ଧିର ଗଳାରେ କହୁଥିଲା, ନାଁ ନାଁ ମୁଁ ଏଠିକି ଖାଇବାକୁ ଆସିନି , ମୁଁ ତ ବାସ୍ ....କହି ଚୁପ ହୋଇଯାଇଥିଲା ସେ ।

ରାଜନନ୍ଦିନୀର ଅଙ୍ଗରକ୍ଷୀ ମାନେ ରାଘବକୁ ଘେରି ଯାଇ ଟଣା ଓଟରା କରିବାକୁ ଲାଗିଲେ। ସେ ଏଠାକୁ ଆସିବାର ପ୍ରକୃତ ଉଦ୍ଦେଶ୍ୟ ଯେତେ ଜାଣିବାକୁ ଚେଷ୍ଟା କରିଥିଲେ ବି ଜାଣିପାରି ନଥିଲେ । କୋଳାହଳ ଶୁଣି ରାୟବାହାଦୁରନିଜେ ଘଟଣା ସ୍ଥଳରେ ପହଞ୍ଚି ଖୁବ ସ୍ନେହର ସହିତ ପଚାରିବାରୁ , ରାଘବ ଡରି ଡରି ଉତ୍ତର ଦେଇଥିଲା, 'ମୁଁ ଏଠି ଲୁଚି ଲୁଚି ରାଜନନ୍ଦିନୀ ରାଜଜେମାଙ୍କର ଜନ୍ମଦିନ ଦେଖିବାକୁ ଆସିଥିଲି । ଆଉ ମନେ ମନେ ମୋ ଜନ୍ମଦିନ କଥା ଭାବୁଥିଲି । ରାୟବାହାଦୁର, ରାଜନନ୍ଦିନୀଙ୍କ ସମେତ ସେଠାରେ ଉପସ୍ଥିତ ସମସ୍ତ ସଦସ୍ୟ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ ରାଘବର ଛଳ ଛଳ ନିରୀହ ଆଖି ଦୁଇଟିକୁ ଆଉ ଫୁଲ ପରି ଛନଛନଆ କୋମଳ ମୁହଁଟିକୁ !

ରାୟବାହାଦୁର ଆହୁରି ଉତ୍ସାହର ସହିତ ରାଘବକୁ ପଚାରିଲେ, 'କାଇଁ ତୋ' ବାପା,ମାଆ ...... ? !'

ରାଘବ ଉତ୍ତର ଦେଲା ,'ବାବୁ ଆଖି ଖୋଲିଲା ଦିନୁଁ ବାପାକୁ ଦେଖି ନଥିଲି କିନ୍ତୁ ମାଆ ଏଇ ପାଖ ରଘୁନାଥ ମନ୍ଦିରରେ ଫୁଲ ବିକି ମୋତେ ବଞ୍ଚେଇ ରଖିଥିଲା । ବୋଧେ ଗଘୁନାଥଙ୍କର ଆଶ୍ରାରେ ମୋତେ ଗଡେଇ ଦେଇଥିଲା ବୋଲି ମୋ ନାଁ ଦେଇଥିଲା ରାଘବ ! ତାପରେ ମୋର ଆଉ କିଛି ମନେ ନାହିଁ। ହଁ ଲୋକେ କୁହନ୍ତି, ମୋ ମାଆ ମୁଣ୍ଡ ଖରାପ ହୋଇଗଲା ବୋଲି ମୋତେ ସେଇ ମନ୍ଦିରରେ ଛାଡି ଦେଇ ଯାଇଥିଲା ଆଉ ସେଇଦିନୁଁ ମୁଁ ରଘୁନାଥ ମହାପ୍ରଭୁଙ୍କର ବେଢ଼ାରେ ନିଇତି ଫୋପଡା ହେଉଥିବା ବାସିଫୁଲ।

ଏତିକି ବେଳକୁ ରାୟବାହାଦୁରଙ୍କର ଆଉ ରାଜନନ୍ଦିନୀଙ୍କ ଆଖିରେ ଆଖିଏ ଲୁହ ଭର୍ତ୍ତି ହୋଇଯାଇଥିଲା । ରାୟବାହାଦୁର କୋହଭରା କଣ୍ଠରେ କହୁଥିଲେ , ରଘୁନାଥ ମହାପ୍ରଭୁଙ୍କ ବେଢ଼ାର ବାସିଫୁଲ !ଏତିକି ସୌଭାଗ୍ୟ ସମସ୍ତଙ୍କ ଭାଗ୍ୟରେ ଜୁଟେ ନା କଣ ରାଘବ ? ନିଜକୁ ବାସିଫୁଲ

ଭାବ୍ ନାରେ । ବାସିଫୁଲ କଣ କହୁଚୁ , ଠାକୁରଙ୍କ ଛଡ଼ା ଫୁଲ ଠାକୁରଙ୍କ ଆଶୀର୍ବାଦ । ତୋତେ ଯିଏ ପାଇବ ତା ଉପରେ ଠାକୁରଙ୍କ ଆଶୀର୍ବାଦ ରହିଛି ଜାଣ ।

ରାଘବ ରାୟବାହାଦୁରଙ୍କ ଆଡ଼କୁ ଅପଲକ ନୟନରେ ଚାହିଁଲା ଆଉ କଣ ବୁଝିଲା କେଜାଣି ଫିକ୍ କିନା ହସିଦେଲା !

+ଜି/୨, ରାଜାବଗିଚା ଲେବର
କଲୋନୀ
କଟକ-୯
ମୋ: ୭୯୭୮୩୫୦୫୪୪

# ଆଜିର କବିତା

## ସଂପର୍କର ଭିନ୍ନରଙ୍ଗ

**ସୁଷମା ପରିଜା**



ସିଏ ମୋ'ର ଅତି ଆପଣାର...
ସେ ଘରକୁ ଆସିଲେ ଆମ ସମସ୍ତଙ୍କର
ମୁହଁ ରେ ମଲ୍ଲୀଫୁଲିଆ ହସ ଫୁଟେ,
ବଦଳିଯାଏ ସାରା ଘରର ବାତାବରଣ,
ସେ ଠିକ୍ ଜାଣିଛି ଯେ.. ଏ ଘରେ
ଅନେକଙ୍କ ମନକୁ ଯିବାର ରାସ୍ତାଟା
ତାଙ୍କ ପେଟ ଭିତର ଦେଇ ପଡିଛି,
ଆଉ ଏ ଘରେ ଅଛନ୍ତି ଅନେକ
ସମ୍ବେଦନଶୀଳ ମୂର୍ଖ,
ସିଏ ଖୁବ୍ ଜାଣେ ଏ ଘରେ ସମସ୍ତଙ୍କ ନାଡି, ନକ୍ଷତ୍ର,
ସେଥିପାଇଁ ସେ ପ୍ରସ୍ତୁତ କରି ରଖିଥାଏ
ସମସ୍ତଙ୍କୁ ସମସ୍ତଙ୍କ ବାଗରେ
ଆପଣେଇ ନେବାର କଳା ।
ତା'ର ସେ ମୁଲାୟମ ହସରେ ଲୁଚିଯାଏ
ତା'ପଛରେ ଥିବା ଯାବତୀୟ କୁତ୍ସିତ ଅଭିସନ୍ଧି ,
ତା' ସେବା, କାର୍ପଣ୍ୟ, ମିଛଲୁହ ବଳରେ ସେ
ସାଜିପାରେ ଗୋଟାପଣେ ସଭିଙ୍କର ଆପଣାର ।
ସିଏ ଫେରିଯିବା ପରେ ଧୀରେ ଧୀରେ
ତା' ଚିକିମିକି ସୁନା ଗହଣାରୁ କଲେଇ ଛାଡେ,
ପଦାକୁ ଫୁଟିଦିଶେ ତା'ଭିତରର ବେଙ୍ଗି ପିତ୍ତଳ,
ସଭିଙ୍କ ଆଖିରୁ ଧୀରେ ଧୀରେ ହଟିଯାଏ
ପରସ୍ପର ପ୍ରତି ସିଏ କୌଶଳରେ ଭରି ଦେଇଥିବା
ସ୍ୱାର୍ଥ ପରତା ଓ ସନ୍ଦେହର ଘନ କୁହେଳି,
ତା'କୁ ଖୁସି କରିବା ପାଇଁ ନିଜ ମୂର୍ଖାମୀ,
ଏବଂ ନିଜ ନିଜ ପକେଟ୍‌ରୁ ଖସିଥିବା କଉଡିର
ହିସାବ କରୁ କରୁ ସ୍ୱାଭାବିକ ହୁଏ ଜୀବନ ।
ତା'ର କଥାରେ ହେଉ ବା କାମରେ....
ତା' ଦ୍ୱୈତଚରିତ୍ର ଉଜାଗର ହେଉଥାଏ ବାରବାର
ତଥାପି, ତା'କୁ ମୁହଁ ଖୋଲି କିଛି କହି ହୁଏନା' ...
କାରଣ ସେ' ତ ମୋ'ର ଏକାନ୍ତ ଆପଣାର !!!

+ପୋତାପୋଖରୀ , କଟକ-୭୫୩୦୦୪
ମୋ: ୯୩୩୭୨୭୨୬୪୭

## ବସନ୍ତର ଅନୁଭବ

**ସ୍ନିଗ୍ଧା. ଜି. ମହାପାତ୍ର**



ଅନୁଭବ ତାର କେତେ ଅନୁପମ
ହସି ଉଠେ ଏଇ ଧରା...
ରଙ୍ଗରେ ରଙ୍ଗରେ ରଙ୍ଗେଇ ଦେଇ ସେ
ପ୍ରୀତିରେ ଦିଏ ଇସାରା।

ଦକ୍ଷିଣ ବାଆର ମଧୁର ମଳୟେ
ପିକର ମଧୁର ସ୍ୱନ..
ନିରିଜନ ପଥେ କ୍ଲେଶ ଦୂର କରେ
ମୋହି ନେଇ ଏ ପରାଣ।

ବସନ୍ତର ରୂପ କେହି ଦେଖି ନାହିଁ
ସବୁଠି ଥାଏ ପରଶ...
ଶୁଖି ଝାଡ଼ିଥିବା ବୃକ୍ଷଟିଏ ମଧ
ଫୁଲରେ ଦିଶେ ସରସ।

ବସନ୍ତ ଆସିଲେ କେତେ ସରାଗରେ
ପେନ୍ଥା ପେନ୍ଥା ଝୁଲେ ଫୁଲ...
ତୋଫା ପରିବେଶେ ହସି କହେ ଧରା
କିଏ ହେବ ତାର ତୁଲ।

ସାତ ରଙ୍ଗେ ଫୁଲେ ଗଢି ଦିଏ ସିଏ
ଧରଣୀରେ ଇନ୍ଦ୍ରଧନୁ..
ଏମିତି ବସନ୍ତ ସବୁ ପ୍ରାଣୀ ହିତେ
ସଜାଏ ସବୁରି ତନୁ।

ଅଦେଖା ବସନ୍ତ ଆସଇ ଏମିତି
ହାତେ ତା କୁହୁକ ବାଡ଼ି..
ତାହାରି ଛୁଆଁରେ ଶୁଖିଲା ଗଛରେ
ଫୁଟି ଉଠେ ଫୁଲ କଢି।

+ବାରିପଦା
ମୋ:୯୪୩୭୬୧୫୨୨୧

## ମନର ଭାବନା

**ରଞ୍ଜିତା ରାଉଳ**



ମନର ଭାବନା କାହାକୁ କହିବି
କିଏ ବା କାହୁଁ ବୁଝିବ
ସବୁ ଅର୍ଥ ଲୋଭୀ ମିଳିତ ହୋଇଲେ
ଜ୍ଞାନ ବାଟବଣା ହେବ।

ପଇସା ପଛରେ ସମସ୍ତେ ଧାଇଁଲେ
ଅହଂ ଭାବ ମନେ ରଖି
ବୁଦ୍ଧି ଜ୍ଞାନ ସବୁ ପୋଡିକି ଖାଇଲେ
ଅଜ୍ଞାନୀ ଯେ, ମୁକ ସାକ୍ଷୀ ।

ବୁଝାଇ କହିବି କାହାକୁ କେତେ ଯେ
ଧନ ନୁହେଁ ଚିରସ୍ଥାୟୀ
ବିଦ୍ୟା ଅରଜନେ ଦେଶ ବିଦେଶରେ
ସମ୍ମାନର ପ୍ରାପ୍ତି ହୋଇ।

ଜ୍ଞାନୀ ଅଜ୍ଞାନୀର ଛକିଶୂନ ଖେଳେ
ଜ୍ଞାନୀ ଯେ ନୀରବ ରୁହେ
ହିଂସା, କ୍ରୋଧ, ମୋହ, ମାୟାର ମେଳେ
ଆଜ୍ଞାନୀ ପ୍ରଶଂସା ପାଏ ।

ରାଜ୍ୟ ସହ ସମ୍ପାଦିକା)
+ଓଡ଼ିଶା ସାହିତ୍ୟିକ ସଂଗଠନ, ଭୁବନେଶ୍ୱର
(ଓଡିଶା)
ଅନୁଗୋଳ
ମୋ: ୮୫୯୮୮୦୧୫୨୦

## ମୁକସାକ୍ଷୀ

**ମିନାକ୍ଷୀ ଦ୍ୱିବେଦୀ**



ନିଶବ୍ଦ ରାତ୍ରୀ...
କେତେ ସୁନ୍ଦର ସଜେଇ ହେଇଛି,
ତା କୋଳରେ କେବେ ରୂପା ଜହ୍ନ ତ କେବେ ସୁନେଲି
ଜହ୍ନ ପୁଣି କେବେ ନୀଳ ଜହ୍ନ,
ବଉଦର ଚୋରା ଚାହାଣି ରେ କିରି କିରି ହସୁଛି
ରସିକିଆ ମଲାଜହ୍ନ,
ତାରା ଫୁଲର ମାଳରେ ପୂର୍ଣ୍ଣ ଗର୍ଭା
ହୋଇ ଉଠିଛି ରଜନୀ,
ତଥାପି ଭାବାତୁର,ଶୋକାଭିଭୂତ
ଅହେତୁକ ଭୟ ମନରେ ଉଙ୍କି ମାରୁଛି,
ତା ଅସ୍ପଷ୍ଟ ଛାୟାରେ ଦେଖୁଛି ମାୟାବୀ ଦୁନିଆ,
ମହୁମାଛି ପାଟି ରେ ଫୁଲର ପରାଗ,

କେତେ ସ୍ନେହ, ଶାନ୍ତି ବିଛେଇ ଦେଇଛି
ତା ଅନନ୍ତ ଶେଯରେ,
ତଥାପି ଶୁଭୁଚି ଆର୍ତ୍ତ ଚିତ୍କାର,
ଓଃ କେତେ ଦୁର୍ବିସହ,
ସତେ ଯେମିତି ବାହାରି ଆସୁଛି ଅନ୍ତବୁଜୁଳି,
ଅବଶ ଶରୀର,
ଭାରାକ୍ରାନ୍ତ ମନ ସୁଖ ବାଣ୍ଟିବା
ସମ୍ଭାବନାରେ ପାଇଛି ଅଭିଶାପ
ସବୁ କୂଟ,କପଟ, ମନ୍ତ୍ରଣା ଆଜି ତା'ରି କୋଳରେ,
ଦୁଃଖ,ସ୍ମୃତି ର ଯେତେ କଣ୍ଟା ବୁଦା ଅରମା
ସବୁ ଧରାବନ୍ଧା ତା'ର ଦରମଲା
ଚକ୍ଷୁ କୋଣରେ, ଧିକ୍କାରୁଛି ନିଜକୁ,
ଦେଖୁଛି ଅରମା ଜଙ୍ଗଲ,ମିଛିମିଛିକା ପ୍ରେମ ସନ୍ଧି,
ସ୍ୱପ୍ନର ତାରା ଫୁଲ ଆଜି ସ୍ତବ୍ଧ,
ଚାରିଆଡେ ନିଆଁ ର ବ୍ୟଭିଚାର
ଖେଳୁଛି ମନରେ ନିଝୁମ ଶୂନ୍ୟତା,
ଆତ୍ମା ଖୋଜି ବୁଲୁଛି ନ୍ୟାୟ
ଏଇ ଅନ୍ଧାରି ଜୀବର
ଦି ଟୋପା ଲୁହ କ'ଣ ମୂଲ୍ୟହୀନ ?
ଯୁଗ ଯୁଗର କ୍ଷୋଭ, କାନ୍ଦଣା ବିସ୍ଫୋରିତ
ନୟନରେ କରୁଛି ଅଗ୍ନିବର୍ଷା,
ନା ସ୍ୱର ଅଛି ନା ଶବ୍ଦ
ଧୂମୀଳ ସମୟରୁ ପାଲଟିଛି
ମୁକସାକ୍ଷୀ ବିଧାତାକୁ ଦ୍ୱାହି ଦେଇ।

+ନିଉ ଦିଲ୍ଲୀ
ଦ୍ୱାରକା ସେକ୍ଟର-୨୨
ମୋ:୭୯୭୮୦୮୨୮୩୪

# କର୍ମ ଆମର ପୂଜା ହେଉ

**ଶ୍ୱେତା ରାଉତ୍**

ସମ୍ପର୍କର ରଙ୍ଗ



ଆମେ ହିନ୍ଦୁମାନେ ସବୁବେଳେ ଈଶ୍ୱର ବିଶ୍ୱାସୀ ହୋଇଥାଉ ଏବଂ ସମସ୍ତଙ୍କ ଘରେ ଗୋଟେ ଠାକୁର ଘର ଥାଏ। ଦୀପ, ଧୂପ, ଫୁଲ, ଚନ୍ଦନ ଭୋଗ ଲଗାଇ ଆମେ ଠାକୁରଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଥାଉ। କାଳେ ପୂଜା ନକଲେ ଠାକୁର ରାଗିଯିବେ। ତେଣୁ ଅନ୍ୟ ଯେକୌଣସି ସଂସାର କାମକୁ ପଛରେ ପକେଇ ଆମେ ଠାକୁର ପୂଜା କରିଥାଉ। ଅନେକ ଲୋକ ଏମିତି ଅଛନ୍ତି ପ୍ରତିଦିନ ଝୁଡିଏ ଲେଖାଏଁ ଫୁଲ, ଫଳ, ଧୂପ, ଦୀପ ନେଇ ମନ୍ଦିର ଯାଆନ୍ତି, ବ୍ରାହ୍ମଣଙ୍କୁ ମୋଟା ଆକାରର ଦକ୍ଷିଣା ଦିଅନ୍ତି, ବଡ ବଡ ଦିପରେ କିଲୋ କିଲୋ ଘିଅ ଦେଇ ବ୍ରାହ୍ମଣଙ୍କୁ କହିଥାନ୍ତି ଈଶ୍ୱରଙ୍କ ନିକଟରେ ପୂଜା କରିବା ପାଇଁ।ମନ୍ଦିରରୁ ଫେରିବା ପରେ ସେମାନେ ଭାବିଥାନ୍ତି 'ଆଜି ଗୁଡ଼ାଏ ପଇସା ଖର୍ଚ୍ଚ କରି ଘିଅ ପୋଡ଼ିଲି, ଭୋଗ କଲି, ଦକ୍ଷିଣା ଦେଲି, ଠାକୁର ଏକଦମ୍ ଖୁସି ହୋଇ ଯାଇଥିବେ ଏବଂ ମୋର ପାପ କ୍ଷୟ ହୋଇଯାଇଥିବ।ମଣିଷର ଏ ମାନସିକତା ବା ଭ୍ରାନ୍ତ ଧାରଣାକୁ ଦେଖି ଈଶ୍ୱର ହସୁଥିବେ ନିଶ୍ଚୟ।

ଈଶ୍ୱର, ଯିଏ ସର୍ବବ୍ୟାପ୍ତ, ନିରାକାର, ସକଳ ଐଶୁର୍ଯ୍ୟର ଅଧିଷ୍ଠାତା। ଏ ସୃଷ୍ଟି, ସର୍ଜନା,ସଂସାର ଯାହାର କୃତ, ଏ ଶରୀର, ପ୍ରାଣ ବାୟୁ, ଚେତନା ଯାହା ଦ୍ୱାରା ପରିଚାଳିତ, ଯାହାର ଆଦି ଅନ୍ତ୍ ନାହିଁ, ସେ ବିରାଟ, ବିସ୍ମୟ ସର୍ବବ୍ୟାପୀଙ୍କୁ ଆମେ କଣ ଦେଇ ପରିବା ? ଯେଉଁ ଗଛରୁ ଫୁଲ ତୋଳିବା, ସେ ଗଛ ଈଶ୍ୱରଙ୍କର, ଯେଉଁ ମିଷ୍ଟାନ୍ନ ଭୋଗ ଦେବା ସେ ତାହା ବି ଈଶ୍ୱରଙ୍କର,ଯେଉଁ ଧୂପର ମହକ ଦେବା, ସେ ମହକ ବି ଈଶ୍ୱର କୃତ, ଯେଉଁ ବ୍ରାହ୍ମଣଙ୍କୁ ଦକ୍ଷିଣା ସ୍ୱରୂପ କିଛି ଅର୍ଥ ଦେବା ସେ ବ୍ରାହ୍ମଣ ଭିତରେ ବି ଈଶ୍ୱର। କେଉଁଠି ନାହାନ୍ତି ଈଶ୍ୱର, ଅତ୍ର, ତତ୍ର, ସର୍ବତ୍ର ଈଶ୍ୱରମୟ, ସବୁକିଛି ଈଶ୍ୱରଙ୍କର, ଆମେ ପୁଣି ତାଙ୍କୁ ଦେବା କଣ ? ଈଶ୍ୱରଙ୍କ ମନ୍ଦିରରେ ଗୁଡ଼ାଏ ଦାନ କଲେ କି ପ୍ରସାଦ ଚଢ଼େଇଲେ ଈଶ୍ୱର ଖୁସି ହୁଅନ୍ତି ନାହିଁ, ଈଶ୍ୱର କେବଳ ମନୁଷ୍ୟର କର୍ମ ଦ୍ୱାରା ପ୍ରଭାବିତ ହୁଅନ୍ତି। ତାଙ୍କୁ ଭକ୍ତି, ସମର୍ପଣ, ଶ୍ରଦ୍ଧାବେଗର ଆବଶ୍ୟକତା ଅଛି। ସକଳ ସୃଷ୍ଟିର ଯିଏ ଅଧିକାରୀ ତାଙ୍କୁ ଆମ ନଡ଼ିଆ, କଦଳୀ, ମିଠା ଭୋଗର ଆବଶ୍ୟକତା ନାହିଁ।

ତେବେ ମନରେ ପ୍ରଶ୍ନ ଉଠେ, ତାହେଲେ କଣ ଆମେ ପୂଜା କରିବା ଛାଡ଼ି ଦେବା। ଆଦୌ ନୁହେଁ, ଆମେ ଯାହା ଈଶ୍ୱରଙ୍କୁ ସମର୍ପିତ କରନ୍ତି,ତାର ଗୁଢ କଥାଟି ବୁଝିଥିବା ଦରକାର। ଭୋଗ କିଣିବା ବେଳେ ଈଶ୍ୱରଙ୍କୁ ଦେବାକୁ ଭାବିଥାନ୍ତି ସତ କିନ୍ତୁ ଆମ ପାଟିକୁ ଭଲ ଲାଗିବା ଭଳି ଭୋଗ କିଣନ୍ତି, କାରଣ ଈଶ୍ୱରଙ୍କୁ ଚଳୁ ବୁଲେଇ ଦେଇ ଆମକୁ ଖାଇବାର ଅଛି। ଯେଉଁ ଧୂପ କିଣନ୍ତି,ପ୍ରଥମେ ଆମେ। ଆଘ୍ରାଣ କରନ୍ତି ତାର ବାସ୍ନା ଭଲ ଅଛି କି ନାହିଁ। ଗୋଟେ ଗୋଟେ ଧୂପର ମହକ ଆମକୁ ଭଲ ନଲାଗିଲେ ସେ ଧୂପ ଆମେ ଘରେ ଲଗାନ୍ତି ନାହିଁ। ତେଣୁ ଆମକୁ ଭଲ ବାସ୍ନା ଆସୁଥିବା ଧୂପ ଆମେ କିଣୁ। ଈଶ୍ୱର ପାଟି ଫିଟେଇ କିଛି କହନ୍ତି ନାହିଁ, ତେଣୁ ତାଙ୍କୁ ଯେକୌଣସି ଧୂପଟିଏ ଦେଇଦେଲେ ଚଳିବ। ଲକ୍ଷ କରିବେ, ପ୍ରାୟ ଲୋକ ମନ୍ଦିରରେ ଶସ୍ତା ଧୂପ କିଣି ଲଗେଇ ଦିଅନ୍ତି ଓ ଘରକୁ ଦାମୀ ଧୂପ ଆଣନ୍ତି, ଯେମିତି ଘରେ ଭଲ ମହକ ଆସିବ।

ଆମେ କେବଳ ଆଡମ୍ବର କରୁ ଈଶ୍ୱରଙ୍କ ପାଇଁ ଆଣିଛୁ କହି,ନହେଲେ ସବୁକିଛି ନିଜ ।ପାଇଁ ହିଁ କରିଥାଉ। 'ଭଗ' ଅର୍ଥ ଐଶୂର୍ଯ୍ୟ ଓ ଅର୍ଥ ମାଲିକ। 'ଭଗବାନ' ଯିଏ ସକଳ ଐଶୂର୍ଯ୍ୟର ମାଲିକ ତାଙ୍କୁ ଦେବାକୁ ଆମର ସାମର୍ଥ୍ୟ କଣ ? ଈଶ୍ୱରଙ୍କୁ ଦେବାର ଅଛି ତ, କୌଣସି ପଦାର୍ଥ ନୁହେଁ, କେବଳ ଆତ୍ମାର ସମର୍ପଣ ଭେଟି ଦିଅନ୍ତୁ, କର୍ତ୍ତବ୍ୟର ସଠିକ୍ ସମ୍ପାଦନ କରନ୍ତୁ, କର୍ମ ପ୍ରତି ଯତ୍ନଶୀଳ ହୁଅନ୍ତୁ। କାରଣ ଈଶ୍ୱର ଆମକୁ ତାଙ୍କର ପ୍ରତିନିଧି କରି ପୃଥିବୀକୁ ପଠେଇଛନ୍ତି, ଆମକୁ କେବଳ ଏତିକି କରିବାର ଅଛି। ଫୁଲ ଅର୍ପଣ କରିବାବେଳେ ଏହି ଭାବନା ରହୁ, ଈଶ୍ୱର ଫୁଲ ପରି ଆମ ମନକୁ କୋମଳ କରନ୍ତୁ, ଧୂପ ପରି ଆମର ସୁଗୁଣ ବିକଶିତ ହେଉ,ଦୀପ ପରି ଆମେ ସମର୍ପିତ ହୋଇ ସଂସାରରେ ଜ୍ଞାନର ଆଲୋକ ବାଣ୍ଟୁଥାଉ, ମିଷ୍ଟାନ୍ନ ପରି ଆମର ବାଣୀ ମଧୁର ହେଉ, ଦକ୍ଷିଣା ଦେବା ବେଳେ ଏ ବିଚାର ରହୁ ଦେବତାର ସନ୍ତାନ ଆମେ। ଦେବାର ଗୁଣ, ସହଯୋଗର ଗୁଣ, ଦାନର ଗୁଣ ଆମ ଭିତରେ ସଦା ରହିଥାଉ। ଆମ କର୍ମ ଆମର ପୂଜା ହେଉ, ସଂସାର ଆମର ଧର୍ମ ହେଉ, ମନର ସନ୍ନ୍ୟାସ ଆମକୁ ମୋକ୍ଷ ପ୍ରଦାନ କରୁ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ମାଲକାନଗିରି ଜିଲାକୁ ଦୁର୍ଘଟଣାମୁକ୍ତ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ

ମାଲକାନଗିରି, ୨୨/୦୩ (ନି.ପ୍ର): ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲାକୁ ଦୁର୍ଘଟଣାମୁକ୍ତ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି । ପ୍ରତ୍ୟେକ ମଙ୍ଗଳବାର ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ୩ ଘଂଟା ଟ୍ରାଫିକ ନିୟମ ପାଳନ କରିବାକୁ ଲୋକଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମାଲକାନଗିରି ଦଣ୍ଡକାରଣ୍ୟ ଛକ ଠାରେ ଡ଼ିଏସପି ଡି. ନାୟକ ଓ ଇନିସ୍ପେକ୍ଟର ରାମଚନ୍ଦ୍ର ନାଗ, ମାଲକାନଗିରି ବାଲିମେଲା ଛକ ଠାରେ ଏସଡିପିଓ ସଚିନ ପଟେଲ ଓ ଇନିସ୍ପେକ୍ଟର ଜେ ପି ଏନ ହୋତା, ମାଲକାନଗିରି ଆଇଏମଏସ ଟି ଛକ ଠାରେ ଡ଼ିଏସପି ଏସ ପି ଭୂୟାଁ ଓ ଇନ୍ସପେକ୍ଟର ଆର ଏନ ମାଝୀ, ଓର୍କେଲ ଥାନା ଅଂଚଳରେ ଏସଡିପିଓ ଆଲେକ୍ସ କିସ୍ପୋଟିଆ ଓ ଥାନା ଅଧିକାରୀ ଜନ ଖଲ୍ଖୁ, ମାଥିଲି ଥାନା ଅଂଚଳରେ ଡ଼ିଏସପି ଯଦୁନାଥ ଜେନା ଓ ଥାନା ଅଧିକାରୀ ଆର କେ ମାଝୀ, କାଳିମେଳା ଥାନା ଅଂଚଳରେ ଡ଼ିଏସପି ଆର ଏନ ପାତ୍ରଓ ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ, ଏମଭି ୭୯ ଥାନା ଅଂଚଳରେ ଥାନା ଅଧିକାରୀ ସୁନୀଲ କୁମାର ସୋରେନ, ପଡିଆ ଥାନା ଅଂଚଳରେ ଥାନା ଅଧିକାରୀ ଏ କେ ବିଷୋୟୀ, ମୋଟୁ ଥାନା ଅଂଚଳରେ ଥାନା ଅଧିକାରୀ ଅନିଲ କୁମାର ପରିଡା, ମୁଦୁଲିପଡ଼ା ଥାନା ଅଂଚଳରେ ଏସ ଆଇ ସି ଏଚ ତାଣ୍ଡିଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ମାନେ ବିଭିନ୍ନ ଛକ ଗୁଡିକରେ ଯାନବାହନ ଯାଂଚ୍ କରି ଫାଇନ ଆଦାୟ କରିଥିଲେ । ସେହିପରି ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲକାଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ଥାନାର ସମସ୍ତ ପୋଲିସ ଅଧିକାରୀ ତଥା କର୍ମଚାରୀମାନଙ୍କୁ ନେଇ ଚିତ୍ରକୋଣ୍ଡା ପଞ୍ଜାବୀ ଛକଠାରେ ଟ୍ରାଫିକ ନିୟମକୁ କଡାକଡି ପାଳନ କରାଯିବା ସହ ଲାଇସେନ୍ସ ଓ ହେଲମେଟ ଯାଂଚ୍ କରାଯାଇ ବାଇକ୍ ଚଳାଇବା ବେଳେ ହେଲମେଟ୍ ପିନ୍ଧି ଜୀବନକୁ ସୁରକ୍ଷିତ ରଖିବାକୁ ସଚେତନତା ବାର୍ତା ଦିଆଯାଇଛି । ଏପରିକି ଟ୍ରାଫିକ ନିୟମ ପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା ।

ଏହି ଅବସରରେ ଗାଡ଼ି ଚାଳକଙ୍କୁ ଅଟକାଇ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରାଯାଇଥିଲା । ଏପରିକି ଅମାନିଆଙ୍କୁ ସତର୍କ କରି ତ୍ରୁଟି ସୁଧାରିବାକୁ ପରାମର୍ଶ ସହ ଫାଇନ କଟାଯାଇଥିଲା । ଚିତ୍ରକୋଣ୍ଡା ଅଂଚଳକୁ ଦୁର୍ଘଟଣାମୁକ୍ତ କରିବାକୁ ପୋଲିସ ଅଧିକାରୀଙ୍କ ଏଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ବଲାଙ୍ଗିର ମହିଳା ମହାବିଦ୍ୟାଳୟ ସମର ଶିକ୍ଷାର୍ଥୀ ବାହିନୀ ଛାତ୍ରୀଙ୍କ ପର୍ବତା ରୋହଣ

ବଲାଙ୍ଗିର , ୨୨/୦୩ (ନି.ପ୍ର): ରବିବାର ଦିନ, ବଲାଙ୍ଗୀରର ସରକାରୀ ମହିଳା ମହାବିଦ୍ୟାଳୟର ୨୩ ଏନସିସି କ୍ୟାଡେଟ୍ ୨୦୬୩ ଫୁଟ ଉଚ୍ଚତା ବିଶିଷ୍ଟ ମଠଖାଇ ପାହାଡକୁ ସଫଳତାର ସହ ଆରୋହଣ କରି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ । ଏହି ପର୍ବତାରୋହଣରେ ପ୍ରସିଦ୍ଧ ପର୍ବତାରୋହୀ ଯୋଗାଭ୍ୟାସ ଭୋଇ ନେତୃତ୍ୱ ନେଇଥିଲେ ଏବଂ ଛାତ୍ରଛାତ୍ରୀମାନେ ବନ ବିଭାଗ ଦଳ, ଏନସିସି ପ୍ରତିନିଧୀ, ପର୍ବତାରୋହୀ ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଥିଲେ । ଆରୋହଣ ଏକ ଚ୍ୟାଲେଞ୍ଜିଂ ଥିଲା, କିନ୍ତୁ +୩ ଶ୍ରେଣୀର ୨୩ ଜଣ ଛାତ୍ର ଏକ କଷ୍ଟଦାୟକ ରାସ୍ତା ବ୍ୟବହାର କରି ଚଢ଼ିବା ସମାପ୍ତ କରି ସେମାନଙ୍କର ଚିତାକର୍ଷକ ଦକ୍ଷତା ଏବଂ ପ୍ରତିଭା ପ୍ରଦର୍ଶନ କରିଥିଲେ । ଛାତ୍ରମାନେ କିପରି ପର୍ବତକୁ ସୁରକ୍ଷିତ ଭାବରେ ଆରୋହଣ କରିବେ ସେ ସମ୍ବନ୍ଧରେ ପର୍ବତାରୋହୀଙ୍କ ଠାରୁ ନିର୍ଦ୍ଦେଶ ଗ୍ରହଣ କରିଥିଲେ ଏବଂ ଶିଖର ସମ୍ମିଳନୀରେ ପହଂଚିବା ପରେ ପ୍ରାକୃତିକ ପରିବେଶ ଏବଂ ଚମତ୍କାର ଭିସ୍ତା ଦ୍ୱାରା ସେମାନେ ଆନନ୍ଦିତ ହୋଇଥିଲେ । ପାହାଡକୁ ମାପଚୁପ କରିଥିବା ସମସ୍ତ ଛାତ୍ରଙ୍କ ଚିତାକର୍ଷକ ଦକ୍ଷତା ଉପରେ କୋଚ୍ ଭୋଇ ମନ୍ତବ୍ୟ ଦେଇଥିଲେ ଏବଂ ଟ୍ରେକିଂ କିମ୍ୱା ପର୍ବତ ଆରୋହଣରେ କ୍ୟାରିୟର କିପରି କରିବେ ସେ ସମ୍ବନ୍ଧରେ ସୂଚନା ମଧ ଦେଇଥିଲେ । ଏହି ଆରୋହଣ ମହିଳାଙ୍କ ସାମର୍ଥ୍ୟର ଏକ ପ୍ରମାଣ ଥିଲା ଏବଂ ଏହା ଜଙ୍ଗଲ ଅଧିକାରୀଙ୍କୁ ପ୍ରମାଣ କରିଥିଲା ଯେ ସେମାନେ କୌଣସି ପ୍ରକାରେ କମ୍ ନୁହଁନ୍ତି ଏବଂ କୌଣସି କାର୍ଯ୍ୟକୁ ଗ୍ରହଣ କରିବାରେ ତଥା ଅତିକ୍ରମ କରିବାରେ ସକ୍ଷମ ଅଟନ୍ତି । ଏହି ଅଭୁତପୂର୍ବ ସଫଳତା ପାଇଁ ଆମେ ବଲାଙ୍ଗୀରର ସରକାରୀ ମହିଳା ମହାବିଦ୍ୟାଳୟର ୨୩ ଟି ଏନସିସି କ୍ୟାଡେଟଙ୍କୁ ଅଭିନନ୍ଦନ ଜଣାଉଛୁ ଏବଂ ସେମାନଙ୍କର ଭବିଷ୍ୟତ ପ୍ରୟାସ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛୁ ।

# ଦୁର୍ଦ୍ଦଶାରେ ଜୀବନ, ସରକାରୀ ସହାୟତା ଓ ଭତା ଯୋଗାଇଦେବାରେ ପାନ ପତରୀ ଓ ରାଏମତିଙ୍କୁ ଅଣଦେଖା

ଭବାନୀପାଟଣା, ୨୨/୦୩ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଡ଼ଙ୍ଗାପଖନ ଗ୍ରାମର ବୃଦ୍ଧା ପାନପତରି ଯାଦବ ଓ ରାଏମତୀ ଛତ୍ର ସରକାରୀ ଭତା ନ ପାଇ ଦୁର୍ଦଶାରେ ଜୀବନ ବିତାଉଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଭବାନୀପାଟଣା ବ୍ଲକ ସ୍ଥିତ ଗରୁଜୁଙ୍ଗ ପଂଚାୟତ ଅଧୀନରେ ଥିବା ଡଙ୍ଗାପାଖନ ଗ୍ରାମରେ । ଗ୍ରାମର ପାନପତ୍ର ଯାଦବ ଜଣେ ବୃଦ୍ଧା ଓ ବିଧବା ମହିଳା ଅଟନ୍ତି । ଯାହାର ଏକ ମାତ୍ର ପୁଅ ଦାଦନ ଶ୍ରମିକ ବିଦେଶରେ ରହିଛନ୍ତି, ହେଲେ ପୁଅ ପରିବାର ପ୍ରତିପୋଷଣ ପାଇଁ ବାହାରେ ଦାଦନ ଶ୍ରମିକ ଭାବେ ଦୀର୍ଘ ଦିନ ଧରି ରହିଛନ୍ତି, ଉକ୍ତ ବୃଦ୍ଧା ମଧ ରହୁଥିଲେ । କିନ୍ତୁ କୌଣସି କାରଣବସତଃ ବୃଦ୍ଧା ନିଜ ଭିଟାମାଟିକୁ ପଳାଇ ଆସିଲେ । ଏପର୍ଯ୍ୟନ୍ତ ତାଙ୍କର ଭତା ମିଳିନାହିଁ । ସ୍ଥାନୀୟ ଲୋକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଯେ, ଗାଁରେ ତାର କିଏ ସାହାରା ନାହିଁ ତେଣୁ ପ୍ରଶାସନ ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସରକାରୀ ସହାୟତା, ଭତା ଯୋଗାଇ ଦେଉ ।

ସେହିଭଳି ଆଉ ଜଣେ ବୃଦ୍ଧା ବିଧବା ମହିଳା ହେଉଛି ରାଏମତୀ ଛତର, ତାଙ୍କର ବୟସ ପ୍ରାୟ ୭୫ ହେବ, ସେହି ବୃଦ୍ଧାଙ୍କୁ ମଧ ଏଯାଏଁ ଭତା ମିଳି ନାହିଁ । ସେ ବି ତିନି ବର୍ଷ ପୂର୍ବରୁ ବାହାରେ ତାଙ୍କର ଝିଅ ଘରେ ଥିଲେ, ଏବେ ଡ଼ଙ୍ଗାପଖନ ଗ୍ରାମରେ ସେ ବି ଗାଁକୁ ଆସି ଦୁଇ ବର୍ଷ ହେବ ରହୁଛନ୍ତି । ତାଙ୍କର ଭତା ମଧ ପ୍ରୋସେସରେ ରହିଛି ବୋଲି ସରପଂଚଙ୍କ ପୁଅ କ୍ଷୀରୋଦ କୁମାର ସାହୁ ଫୋନ ଯୋଗେ ପ୍ରକାଶ କରିଥିଲେ, ତେଣୁ ତୁରନ୍ତ ପାନ ପତ୍ରି ଯାଦବ ଓ ରାଏ ମତିଙ୍କୁ ଭତା ଯୋଗାଇ ଦେବାକୁ ସ୍ଥାନୀୟ ଜନସାଧାରଣ ଗୌତମ ଛତ୍ର, ହରି ଛତ୍ର, ଗଣପତି ବାଗ ଓ ଗୌରୀ ବାଗ ଦାବି କରିଛନ୍ତି ।

ଏହି ପରିପ୍ରେକ୍ଷୀରେ ପିଇଓ ଅଭିମନ୍ୟୁ ନାୟକଙ୍କୁ ବି ଫୋନ ଯୋଗେ ପଚାରିବାରୁ ସେ କହିଛନ୍ତି ଯେ, ମୁଁ ବ୍ଲକରେ ଅଛି ଆସନ୍ତାକାଲି ତଦନ୍ତ କରି ତାଙ୍କର ଦୁଇ ଜଣଙ୍କ ଭତାର ସୁବ୍ୟବସ୍ଥା କରିବି । ତେବେ ଦେଖିବାର କଥା ଯେ ସରକାରୀ ସହାୟତା ଯୋଜନା କେବେ ପହଂଚିବ ଓ ଦୁଇ ବୃଦ୍ଧ ମହିଳାଙ୍କ ଦୁର୍ଦଶା ଦୂର ହେବ ।

# ଜଙ୍ଗଲ ନିଆଁକୁ ରୋକିବା ପାଇଁ ବନ ବିଭାଗକୁ ସହାୟତା କରିବେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ

କନ୍ଧମାଳ , ୨୨/୦୩ (ନି.ପ୍ର): ଜଙ୍ଗଲ ନିଆଁକୁ କେମିତି ଆୟତ କରିହେବ ଏବଂ ମୂଲ୍ୟବାନ ଗଛ ସହ ଜୀବ ଜନ୍ତୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ସବୁ ବନଖଣ୍ଡରେ ସଚେତନତା କାଯ୍ୟକ୍ରମ ଯାରିରହିଛି । ଏହାରି ଭିତରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡ ଅଧିନରେ ଥିବା କୋଟଗଡ଼ ବନାଂଚଳ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା କିଛି ନିଆରା ପଦକ୍ଷେପ ନେଇଥିବା ସାମ୍ନାକୁ ଆସିଛି । ପୂର୍ବରୁ କୋଟଗଡ଼ ବନାଂଚଳର ବିଭିନ୍ନ ସ୍ଥାନରେ ନାଚ, ଗୀତ ଓ ପଥପ୍ରାନ୍ତ ନାଟକ ମାଧମରେ ଜନ ସଚେତନତା କାଯ୍ୟକ୍ରମ କରିଥିବା ବେଳେ ବର୍ତମାନ ଅଂଚଳର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧମରେ ତୃଣମୂଳ ସ୍ତରରୁ ଜନ ସଚେତନତା କାଯ୍ୟକ୍ରମ କରି ଜଙ୍ଗଲ ନିଆଁର ଭୟାବହତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହଯୋଗ ଲୋଡ଼ିଛନ୍ତି । ଏନେଇ କୋଟଗଡ଼ ବ୍ଲକର ୧୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୮୦ ମହିଳାଙ୍କୁ ନେଇ ବନାଂଚଳ ପକ୍ଷରୁ ଏକ ସ୍ୱତନ୍ତ୍ର ସଚେତନତା କାଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା କଣ,କଣ କ୍ଷତି ଘଟୁଛି ଏବଂ ଜୀବଜଗତ ଉପରେ କଣ ପ୍ରଭାବ ପଡୁଛି ସେନେଇ ମା ମାନଙ୍କୁ ଅବଗତ କରାଇବା ସହ ପ୍ରତ୍ୟେକ ମା ମାନେ କେମିତି ନିଜ ନିଜର ସାହି, ୱାର୍ଡ ଓ ପଂଚାୟତରେ ସଭା ମାଧମରେ ଲୋକଙ୍କୁ କିଭଳି ବୁଝାଇବେ ଏବଂ ଜଙ୍ଗଲ ସୁରକ୍ଷା କିଭଳି କରାଯାଇପାରିବ ସେନେଇ କୋଟଗଡ଼ ବନାଂଚଳ ତରଫରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମା ମାନଙ୍କୁ ବିଭାଗ ପକ୍ଷରୁ ସହଯୋଗ ପାଇଁ ଅନୁରୋଧ କରାଯାଇଥିବା କହିଛନ୍ତି ବନାଂଚଳ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା । ଅନ୍ୟପଟେ ଗୋଷ୍ଠୀର ମା ମାନେ ବିଭାଗର ଅନୁରୋଧ କ୍ରମେ ଏଥିରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମରେ ବନାଂଚଳର ସମସ୍ତ ବନପାଳ ଓ ସମସ୍ତ କର୍ମଚାରୀ ସାମିଲ୍ ହୋଇ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ସ୍ୱେଚ୍ଛାସେବୀ ହିତାଧିକାରୀମାନଙ୍କ ସହିତ ସରକାରୀ ଅଧିକାରୀମାନଙ୍କ ବିଷୟକ ଆଲୋଚନା ଚକ୍ର

ବଲାଙ୍ଗୀର, ୨୨/୦୩ (ନି.ପ୍ର): ହୋଟେଲ ଭ୍ରମର ସଭାଗୃହରେ ଉନ୍ନୟନ ସହଯୋଗ ଆଂଚଳିକ କେନ୍ଦ୍ର ଆରସିଡ଼ିସି ଦ୍ୱାରା ଉନ୍ନୟନ କାର୍ଯ୍ୟରେ ନିୟୋଜିତ ସରକାରୀ ଅଧିକାରୀମାନଙ୍କ ସହିତ ଜିଲ୍ଲାରେ ବିଭିନ୍ନ କାମ କରୁଥିବା ସ୍ୱଂୟ ସହାୟକ ଗୋଷ୍ଠି ଓ ଅନ୍ୟାନ୍ୟ ଗ୍ରାମାଂଚଳରେ କାର୍ଯ୍ୟ କରୁଥିବା ହିତାଧିକାରୀ ମାନଙ୍କ ଆଲୋଚନା ଚକ୍ର ସଂସ୍ଥାର ପରିଚାଳନା କୁଳମଣି ସାହୁ ଙ୍କ ଦ୍ୱାରା ସଂଯୋଜନା କରାଯାଇଥିଲା । ଅର୍ମାସର କେ. ପାଉଲ୍. କୃଷିବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ମୁଖ୍ୟ ପରିଚାଳକ ଡ଼ ସତ୍ୟମୟ ଶତପଥୀ, ଅତିରିକ୍ତ ଜିଲ୍ଲା ଉନ୍ନୟନ ଅଧିକାରୀ ମଳୟ କୁମାର ଶତପଥୀ, ଜିଲ୍ଲା ସ୍କାଲାର୍ଷିପ ସଂଯୋଜକ ଖଗେଶ୍ୱର ମହାକୁଡ, ପ୍ରମୁଖ ଯୋଗଦେଇ ଥିଲେ । ପାରମ୍ପରିକ ଖାଦ୍ୟ, ସଂସ୍କୃତି, ଅଧିକାର, ଆଦିବାସୀ ଙ୍କ ଜୀବନ ଜୀବିକା, ଖାଦ୍ୟ ସର୍ବଭୌମତ୍ୱ ଓ ନିଜସ୍ୱ ଶାସନ ବ୍ୟବସ୍ଥା ଉପରେ ଆଲୋଚାଚକ୍ରଟି ଅନୁଷ୍ଠିତ ହୋଇଥିଲା । ଅଧିକାରୀ ମାନେ ଦୀର୍ଘସ୍ଥାୟୀ ସମ୍ବଳ ପରି ଚାଳନା, ଚିରସ୍ଥାୟୀ ଜୈବିକ କୃଷି, ପାରମ୍ପରିକ କୌଳିକ ବୃତି ଫେରିବାକୁ ନେଇ ବିଷୟ, ଗାଁ ସ୍ତରରେ ସମ୍ବଳ ପରିଚାଳନା କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିବା ସହିତ ଯୁବ ଗୋଷ୍ଟିକୁ ଯୋଡିବା, ପରିବେଶ ସୁରକ୍ଷା, ପାରମ୍ପରିକ ଖାଦ୍ୟ ବ୍ୟବସ୍ଥାକୁ ଫେରିବା, ଯୋଜନା ପ୍ରସ୍ତୁତି ଇତ୍ୟାଦି ବିଷୟରେ ଜାଣିବାକୁ ବିଷୟଗୁଡ଼ିକୁ ଆଲୋଚନା ହୋଇଥିଲା । ଅନ୍ୟତମ ବକ୍ତା ରୂପେ ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ ମତାମତ ରଖିଥିଲେ । ଏଥିରେ ଖପ୍ରାଖୋଲର ୪ ଗୋଟି ଗ୍ରାମପଂଚାୟତର ୧୬ ଟି ଗ୍ରାମର ଜଙ୍ଗଲ ଅଧିକାର କମିଟି ଗ୍ରମବିକାସ କମିଟି, ଗନ୍ଧମାର୍ଦନ ଖାଦ୍ୟ ସୁରକ୍ଷା ମହାସଂଘ, ଦେଶୀ ବିହନ ବଂଚାଅ ସଂଘଟାନ ସଭ୍ୟ ସଭ୍ୟା, ଗନ୍ଧମାର୍ଦନ ବୈଦ୍ୟ ମହାସଂଘ କର୍ମକର୍ତା ମିଶଇ ଶତାଧିକ ଯୋଗଦେଇଥିଲେ ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, ୨୨/୦୩ (ନି.ପ୍ର): କିର୍ମିରା ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଆଜି ମୋଟ ୨୧ଟି ଅଭିଯୋଗ ଶୁଣାଣି ହୋଇଛି । ଏଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ଓ ଗୋଟିଏ ସାମୁହିକ । ନକ୍ସାପାଲି ଗ୍ରାମର ମୁଖ୍ୟ ରାସ୍ତା ପ୍ରଶସ୍ତ କରାଯିବା ନେଇ ସାମୁହିକ ଅଭିଯୋଗ ଦାଖଲ କରାଯାଇଥିବା ବେଳେ ରାସନ କାର୍ଡ ଓ ବିଧବା ଭତା ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଣ , ଫସଲ ବୀମା ଯୋଜନା, ଶ୍ରମିକ ନିର୍ମାଣ ବୋର୍ଡ ଯୋଜନାରେ ମୃତ୍ୟୁକାଳୀନ ସହାୟତା ପ୍ରଦାନ, ଏନ୍ଏମ୍ଏମ୍ଏସ୍ ଛାତ୍ରବୃତି ପ୍ରଦାନ, ଜମି ବିବାଦ,ବିକଳାଙ୍ଗ ଭତା ଓ କୋଭିଡ ସେଣ୍ଟରରେ କାର୍ଯ୍ୟ ଜନିତ ପାଉଣା ଆଦି ବ୍ୟକ୍ତିଗତ ଅଭିଯୋଗ ସଂପର୍କରେ ଶୁଣାଣି କରାଯାଇଥିଲା । ଅଭିଯୋଗ ଗୁଡ଼ିକ ଅନୁଧ୍ୟାନ ପୂର୍ବକ ସମାଧାନ ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ପରମାର ସ୍ମିତ ପରଷୋତମ ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝୀ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ପଂଚାୟତ ସମିତି ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟ କୁମାର ନାୟକ, ଡେପୁଟି କଲେକ୍ଟର ପ୍ରତିମା ପିଙ୍ଗ, ସହକାରୀ ଜିଲ୍ଲାପାଳ ହରେନ କୁମାର ସାହୁଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଶେଷରେ ମୁଣ୍ଡ ନୁଆଁଇଲା ପ୍ରଶାସନ: ସିଲ ହେଲା ରିମୁଳି ମଦ ଦୋକାନ

ଚମ୍ପୁଆ, ୨୨/୦୩ (ନି.ପ୍ର): ରିମୁଳି ଠାରେ ଥିବା ବିଦେଶୀ ମଦ ଦୋକାନ ସ୍କୁଲ ପରିସରକୁ ଲାଗି ରହିଥିବାରୁ ବିରୋଧ କରି ଆସୁଥିଲା ପଂଚାୟତ । ମଦ ଦୋକାନକୁ ହଟାଇବା ପାଇଁ ଦୀର୍ଘ ଦିନ ଧରି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ରିମୁଳି ସରପଂଚଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗ ର ଦ୍ୱାରସ୍ଥ ହୋଇଥିଲେ ଗ୍ରାମବାସୀ । ଫଳରେ ଏହି ମଦ ଦୋକାନକୁ ସିଲ କରିଛି ଅବକାରୀ ବିଭାଗ କ୍ଷ ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ ଅନ୍ତର୍ଗତ ରିମୁଳି ଠାରେ ଥିବା ସି ଟି ସ୍କୁଲ ନିକଟରେ ସରକାରଙ୍କ ଗାଇଡ଼ ଲାଇନକୁ ଉପେକ୍ଷା କରି ଏକ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଦୀର୍ଘ ଦିନରୁ ଖୋଲା ଯାଇଥିଲା କ୍ଷ ଏହା ନାମକୁ ମାତ୍ର ଠିପି ବନ୍ଦ ମଦ ଦୋକାନ ଥିଲା । ପ୍ରକୃତ ପକ୍ଷେ ଦୋକାନରୁ ମଦ କିଣି ଏହି ଦୋକାନ ପରିସରରେ ମଦୁଆମାନେ ଖୁଲମ ଖୁଲା ମଦ ପିଇବା ଯୋଗୁଁ ଆଖ ପାଖରେ ସାଧାରଣ ଜୀବନ ଯାତ୍ରାରେ ଅପ୍ରୀତିକର ପରିବେଶ ସୃଷ୍ଟି ହୋଇଥିଲା । ସରକାରୀ ଗାଇଡ଼ ଲାଇନକୁ ଉପେକ୍ଷା କରାଯାଇ ଅବକାରୀ ବିଭାଗର ଚଂଚକତାରେ ବିଦ୍ୟାଳୟ ନିକଟରେ ଏହି ମଦ ଦୋକାନ ଖୋଲା ଯାଇଥିବାବେଳେ ଏହାକୁ ବିରୋଧ କରି ଆସୁଥିଲା ରିମୁଳି ପଂଚାୟତ । ସରପଂଚଙ୍କ ନେତୃତ୍ୱରେ ଗ୍ରାମବାସୀ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ହାଜର ହୋଇ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ନେଇ ଅଭିଯୋଗ ହୋଇଥିଲେହେଁ କୌଣସି ସୁଫଳ ମିଳି ନ ଥିଲା । ଫଳରେ ସରପଂଚଙ୍କ ନେତୃତ୍ୱରେ ଗ୍ରାମବାସୀ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗ ଅଧ୍ୟକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ । ଶେଷରେ ଅବକାରୀ ବିଭାଗ ବାଧ ହୋଇ ଏହି ମଦ ଦୋକାନକୁ ସିଲ କରିଥିବା ଜଣାପଡିଛି । ଦୀର୍ଘଦିନ ଧରି କରି ଆସୁଥିବା ଦାବୀ ପୂରଣ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିବା ଦେଖିବାକୁ ମିଳିଛି ।

# ସୁନ୍ଦରଗଡ଼ରେ କାୟା ମେଲାଇଲାଣି ଜଣ୍ଡିସ୍: କୋଇଡ଼ା ଓ ଲହୁଣିପଡ଼ାରେ ୪୦ରୁ ଅଧିକ ଚିହ୍ନଟ



ରାଉରକେଲା, ୨୨/୦୩ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାର ଖଣି ଖାଦାନଭରା କୋଇଡ଼ା ସହ ଲହୁଣିପଡ଼ା ବ୍ଲକ୍‌ରେ କାୟାବିସ୍ତାର କଲାଣି ଜଣ୍ଡିସ୍ । ଟେନ୍‌ସାରେ ୫୦ ରକ୍ତ ନମୁନାରୁ ୩୨ ଜଣ୍ଡିସ୍ ପଜିଟିଭ୍ ଥିବା ଜଣାପଡ଼ିଛି । ଲହୁଣିପଡ଼ା ବ୍ଲକ୍ ଅନ୍ତର୍ଗତ ବରସୁଆଁ ଟାଉନସିପ୍‌ରେ ୨୨ ରକ୍ତ ନମୁନାରୁ ୪ ପିଲାଙ୍କ ଜଣ୍ଡିସ୍ ପଜିଟିଭ୍ ଆସିଛି । ଅନ୍ୟ ୧୮ ଜଣଙ୍କର ଜଣ୍ଡିସ୍‌ର ଲକ୍ଷଣ ରହିଛି । ଏମାନେ ସମସ୍ତେ କୋଇଡା ବ୍ଲକ ଅନ୍ତର୍ଗତ ଗୋପପୁର ସାହିର ।

ସୂଚନା ଅନୁସାରେ, କୋଇଡ଼ା ବ୍ଲକ୍‌ର ଗୋପପୁର ସାହିରେ ଲୋକମାନଙ୍କୁ ଜ୍ୱର ଆସିବା ସହ ବାନ୍ତି ଓ ପେଟ ବ୍ୟଥା ମଧ ହେଉଛି । ଟେନ୍‌ସା ଓ ଏହାର ଆଖପାଖ ଅଞ୍ଚଳରେ ମଧ ସେହି ସମାନ ସ୍ଥିତି ଉପୁଜିଛି । ଲହୁଣିପଡ଼ା ବ୍ଲକ୍ ଅନ୍ତର୍ଗତ ବରସୁଆଁ ଟାଉନସିପ୍ ଓ ଏହାର ଆଖପାଖ ଅଞ୍ଚଳ ଯଥା ଶଶ୍ୟକଳା, ରାଇକେଳାରେ ପ୍ରାୟ ଅଧିକାଂଶ ଲୋକଙ୍କୁ ଗତ କିଛିଦିନ ଧରି ଜ୍ୱର ଆସିବା ସହ ବାନ୍ତି ହେଉଛି । କୋଇଡ଼ାରୁ ପ୍ରଦୂଷିତ ନଦୀ, ନାଳପାଣିକୁ ବସ୍ତିବାସିନ୍ଦା ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରୁଥିବାରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି । ସେଲ୍ ଟାଉନସିପ୍‌କୁ ଯୋଗାଣ ହେଉଥିବା ପାନୀୟ ଜଳ ବ୍ୟବହାର ଦ୍ୱାରା ଜଣ୍ଡିସ୍ ହେଉଥିବା ପ୍ରାଥମିକ ତଦନ୍ତରୁ ସ୍ୱାସ୍ଥ୍ୟ ବିଭାଗ ଜାଣିବାକୁ ପାଇଛି । ବୟସ୍କ ଲୋକମାନଙ୍କୁ କମ୍, ଛୋଟଛୋଟ ପିଲାମାନେ ବେଶି ଜଣ୍ଡିସ୍ ?ରେ ଆକ୍ରାନ୍ତ ହେଉଛନ୍ତି ।

ଲହୁଣିପଡା ସିଏଚ୍‌ସି ମୁଖ୍ୟ ଡାକ୍ତର ରୁଦ୍ରମଣି ସାହୁଙ୍କ ସୂଚନା ଅନୁସାରେ, ଲହୁଣିପଡ଼ା ବରସୁଆଁ ଟାଉନସିପ୍‌ରୁ ୨୨ରୁ ଅଧିକ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା । ଏଥିରୁ ମଧ୍ୟରୁ ୪ ପିଲାଙ୍କ ଜଣ୍ଡିସ୍ ପଜିଟିଭ୍ ରହିଛି । ଚାରିପିଲାଙ୍କ ମଧ୍ୟରୁ ଦୁଇପିଲା କେବଳ ଦମାଲୁର । ୧୮ ରକ୍ତ ନମୁନା ପରୀକ୍ଷା ପାଇଁ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ରିପୋର୍ଟ ଆସିବା ପରେ ଏମାନଙ୍କ ମଧ୍ୟରୁ କେତେଜଣ ଜଣ୍ଡିସ୍ ପଜିଟିଭ୍ ଅଛନ୍ତି ଜଣାପଡ଼ିବ ବୋଲି ସେ କହିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜକାନ୍ତି ମିଶ୍ର କହିଛନ୍ତି, ଲହୁଣିପଡ଼ା ଓ କୋଇଡ଼ା ଦୁଇଟି ବ୍ଲକ୍‌ରୁ କିଛି ଜଣ୍ଡିସ୍ ପଜିଟିଭ୍ ମାମଲା ସାମ୍ନାକୁ ଆସିଛି । ଆକ୍ରାନ୍ତ ଅଞ୍ଚଳ ଓ ଏହାର ଚତୁଃପାର୍ଶ୍ୱରେ ଅଞ୍ଚଳରେ ଘରକୁ ଘରୁ ବୁଲି ରକ୍ତ ନମୁନା ସଂଗ୍ରହ କରିବାକୁ ସ୍ଥାନୀୟ ମେଡ଼ିକାଲ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି । ଏ ସଂକ୍ରାନ୍ତରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି ।

# କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱ ବିଦ୍ୟାଳୟ କରିବାକୁ କଂଗ୍ରେସର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି

କେନ୍ଦ୍ରାପଡ଼ା, ୨୨/୦୩ (ନି.ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳକୁ ବିଶ୍ୱବିଦ୍ୟାଳୟ କରିବା ପାଇଁ କେନ୍ଦ୍ରାପଡ଼ା ବ୍ଲକ କଂଗ୍ରେସ ଏବଂ ଟାଉନ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ପୂର୍ବତନ କାଉନସିଲର ସୌମେନ୍ଦ୍ର ପୃଷ୍ଟି, ହିବଜୁବୁର ରହେମାନ, ମୁକ୍ତାର ଖାନ, ସୁନିଲ କୁମାର ମହାପାତ୍ର, ସୟଦ ମୁକ୍ତାର ଅଲ୍ଲୀ, ରାଜେଶ ମହାନ୍ତି ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହା ବିଦ୍ୟାଳୟ ନାକ୍ ଦ୍ୱାରା ଏ ଗ୍ରେଡର ମାନ୍ୟତା ହାସଲ କରିଛି । ଏଥିସହିତ ଉଚ୍ଚମାନର ସୈକ୍ଷିକ ପରିବେଶ ଓ ଉତମ ଅନୁଶାସନ ଯୁକ୍ତ ଅନୁଷ୍ଠାନ ଭାବେ ରାଜ୍ୟରେ ସୁନାମ ଅର୍ଜନ କରିଛି । ଏହାର ସୈକ୍ଷିକ ପରିବେଶ ଓ ଉଚ୍ଚମାନର ଅଧ୍ୟାପନା ବହୁ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ସହ ଏକ ପ୍ରତିଷ୍ଠିତ ଅନୁଷ୍ଠାନରେ ପରିଣତ କରିଛି । ବର୍ତମାନ ୩୪୫୬ ଜଣ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି । ରାଜ୍ୟରେ ବହୁ କଲେଜକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ଦେଇଥିବାବେଳେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ମିଳିନଥିବାରୁ କେନ୍ଦ୍ରାପଡ଼ାବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ଏହାକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ଦେବାପାଇଁ ସହର କଂଗ୍ରେସ ଓ ବ୍ଲକ କଂଗ୍ରେସ ତରଫରୁ ଦାବି କରାଯାଇଛି ।

# ସ୍ୱାତୀ ପକ୍ଷରୁ ସ୍ୱାସ୍ଥ୍ୟ ଓ ସମନ୍ୱିତ ରକ୍ତ ପରୀକ୍ଷା ଶିବିର ଅନୁଷ୍ଠିତ

କନ୍ଧମାଳ, ୨୨/୦୩ (ନି.ପ୍ର): ଦେଶରେ ବିଭିନ୍ନ ଭୂତାଣୁ ସଂକ୍ରମଣ ସମସ୍ତଙ୍କୁ ଡରାଉଥିବା ବେଳେ ହେପାଟାଇଟିସ୍-ବି ଓ ସି. ସଂକ୍ରମଣ ମଧ ମନୁଷ୍ୟ ଶରୀର ପାଇଁ କ୍ଷତିକାରକ । ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମଧ ସମସ୍ତ ବିପଦ ସଂଙ୍କୁଳ ଗୋଷ୍ଠୀ ଯେଉଁମାନେ କି ଏଥିରେ ସଂକ୍ରମଣ ହେବାର ସମ୍ଭାବନା ଅଧିକ ରହିଛି ସେମାନଙ୍କର ରକ୍ତନମୂନା ପରୀକ୍ଷା କରି ଚିହ୍ନଟ ଏବଂ ସଂକ୍ରମିତ ବ୍ୟକ୍ତିଙ୍କୁ ମାଗଣା ଚିକିତ୍ସା ଦେବାପାଇଁ ପ୍ରୟାସ ଜାରି ରଖିଛନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠା ସ୍ୱାତୀ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କନ୍ଧମାଳ ଓ ରାଜ୍ୟ ଏଡସ୍ ନିୟମନ୍ତ୍ରଣ ସମିତି, ଭୁବନେଶ୍ୱରର ମିଳିତ ସହଯୋଗରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଶିବିର ସହିତ ସମନ୍ୱିତ ରକ୍ତ ପରୀକ୍ଷା କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ସୂଚନା ଅନୁସାରେ ଆଜିପର୍ଯ୍ୟନ୍ତ ଜି.ଉଦୟଗିରି, ଫିରିଙ୍ଗିଆ, ବାଲିଗୁଡା, ରାଇକିଆ ତୁମୁଡିବନ୍ଧ ଓ ଚକାପାଦ ଇତ୍ୟାଦି ଅଂଚଳରେ ପାଖାପାଖି ୪୦୦ ରୁ ଅଧିକ ରକ୍ତ ନମୁନା ସଂଗ୍ରହ କରାଯାଇ ସେଥିରୁ ତିନୋଟି ନମୁନାରେ ରୋଗ ଭୁତାଣୁ ରହିଥିବା ଜଣାପଡିଛି । ତେବେ ଏହାକୁ ପୁଣିଥରେ ଜିଲ୍ଲାସ୍ତରରେ ପରୀକ୍ଷା କରାଯାଇ ନିଶ୍ଚିତ କରାଯିବ ଏବଂ ସେଠାରେ ମଧ୍ୟ ଭୁତାଣୁ ଥିବା ଜଣାପଡିଲେ, ସଂକ୍ରମିତ ସେମାନଙ୍କର ମାଗଣା ଚିକିତ୍ସା କରାଯିବ ବୋଲି ବାୟୋଲୋଜିଷ୍ଟ ସ୍ମିତାରାଣୀ ମହାନ୍ତି କହିଛନ୍ତି । ଏଥିସହ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଟିକାବାଲି, କ.ନୁଆଗାଁ, କୋଟଗଡ, ଦାରିଙ୍ଗବାଡି, ଖଜୁରୀପଡା ଓ ଫୁଲବାଣୀର ବିଭିନ୍ନ ଅଂଚଳରେ କରାଯିବ ବୋଲି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ସମ୍ପାଦକ ଙ୍କ ହରିଶଙ୍କର ରାଉତ ପ୍ରକାଶ କରିଛନ୍ତି । ଅନୁଷ୍ଠାନ ତରଫରୁ କାର୍ଯ୍ୟକାରୀ ହେଉଥିବା ଲକ୍ଷ୍ୟଭେଦି ପ୍ରକଳ୍ପ ମାଧ୍ୟମରେ ଜିଲ୍ଲାର ଦୁଇଟି ସ୍ଥାନ ଖଜୁରୀପଡା ଓ ଭୁଙ୍ଗିଯୋଡି ଠାରେ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇ ମୋଟ ୧୪୦ ଜଣଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଥିବା ବେଳେ ବିପଦ ସଙ୍କୁଳ ଗୋଷ୍ଠୀ ଭାବେ ଗଣା ଯାଉଥିବା ମହିଳା ଯୌନ କର୍ମୀ ମାନଙ୍କର ବିଭିନ୍ନ ପରୀକ୍ଷା କରାଯାଇ ଯୌନ ସଂକ୍ରମଣ ଜନିତ ରୋଗକୁ ଚିହ୍ନଟ କରି ଔଷଧ ସେବନ କରାଯାଇଥିଲା । ଆଗାମୀ ଦିନରେ ଏହି ଭଳି ମେଗା ସ୍ୱାସ୍ଥ୍ୟମେଳା ଜିଲ୍ଲାର ଅନ୍ୟ ବ୍ଲକ୍‌ରେ ମଧ ଅନୁଷ୍ଠିତ ହେବ ବୋଲି ପ୍ରକଳ୍ପ ପରିଚାଳକ ବିଶ୍ୱରଞ୍ଜନ କର ମନ୍ତବ୍ୟ ରଖିଛନ୍ତି । ସ୍ୱାସ୍ଥ୍ୟ ଶିବିରକୁ ଖଜୁରୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ରଞ୍ଜନ କୁମାର ଓ ଫାରମାସିଷ୍ଟ ଫଗୁଚରଣ ସେଠୀ ଏବଂ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସୌମିତ୍ରୀ ପ୍ରସାଦ ନାୟକ ଓ ଲେବରଟୋରି ଟେକ୍‌ନିସିଆନ୍ ରାଜେନ୍ଦ୍ର କୁମାର ମହାକୁଡ ପ୍ରମୁଖ ପରିଚାଳନା କରିଥିଲେ ।

## କଂଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ବନ ଦିବସ ପାଳିତ

ବାରିପଦା, ୨୨/୦୩ (ନି.ପ୍ର): କଂଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ବନଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଆଲୋଚନାଚକ୍ର ରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଜିତ କାଣ୍ଡି, ସଦସ୍ୟ ଭାଗବତ ନଏକ, ନବକିଶୋର ନକ୍ଷଏକ, ବିଶ୍ୱଜିତ ହାବଡା ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ କରି ବନଦିବସ ପାଳନର ତାତ୍ପର୍ଯ୍ୟ, ବୃକ୍ଷରୋପଣ ତଥା ଏହାର ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ । ବରିଷ୍ଠ ଶିକ୍ଷକ ଆଶିଷ ରଂଜନ ବାସୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ମୃତ୍ୟଂଜୟ ପ୍ରଧାନ ସ୍ୱାଗତ ଦେଇଥିଲେ । ଶିକ୍ଷକ ପ୍ରତାପ ଚନ୍ଦ୍ର ଧଡ଼ା ଧନ୍ୟବାଦ ଦେଇଥିଲେ । ଆଦ୍ୟାପଦ ତ୍ରିପାଠୀ ଫାଉଣ୍ଡେସନ ସୌଜନ୍ୟରେ ପୁରସ୍କାର ବିତରଣ କରାଯାଇଥିଲା ।

## ମହିଳାଙ୍କୁ ମିଳୁନି ସମ୍ମାନ : ବାମ ଫ୍ରଣ୍ଟର ବିଶାଳ ସମାବେଶ

ଜଳେଶ୍ୱର, ୨୨/୩(ନି.ପ୍ର): ଆନ୍ତର୍ଜାତୀୟ ମହିଳା ଦିବସରେ ଆଜି ବାମ ଫ୍ରଣ୍ଟ ପକ୍ଷରୁ ଏକ ନାରୀ ଜାଗରଣ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ସମାନତା, ସୁରକ୍ଷା, ସମ୍ବିଧାନିକତା ଓ ସାର୍ବଭୌମତ୍ୱ ପାଇଁ ଐକ୍ୟବଦ୍ଧ ସଂଗ୍ରାମ ଆବଶ୍ୟକ ବୋଲି ଆଜି ଆୟୋଜିତ ମହିଳା ସମାବେଶରେ ମତପ୍ରକାଶ ପାଇଛି । ଆୟୋଜିତ ସଭାରେ ସବିତା ଭୂୟାଁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ସଂଗଠନର ଜାତୀୟ ମହିଳା ସମିତିର ସଭାପତି ତାପସୀ ପ୍ରହରାଜ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ମହିଳାଙ୍କୁ ନ୍ୟାୟ ମିଳୁନଥିବା ବେଳେ ସରକାର ବିଭିନ୍ନ ନାରା ଓ ଡିଣ୍ଡିମ ପିଟୁଛନ୍ତି ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ଇନ୍ଦୁମତୀ ଗିରି ଯୋଗ ଦେଇ ମହିଳାଙ୍କୁ ସମ୍ମାନ ମିଳୁନଥିବାରୁ ସେମାନଙ୍କ ହକ୍‌ଲାଗି ଲଢେଇ କରିବା ଆବଶ୍ୟକ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଂଚ ମମତା ହୁଇ, ଅନିମା ଦେ, ଗିତାରାଣୀ ଦେ, ମମି ପଣ୍ଡା, ରାଣି ମୁର୍ମୁ, ରେହେନା ବିବି, ମୁରିଅମ ବେବା, ପୁଷ୍ପା ପ୍ରଧାନ, ଦିପ୍ତି ପାତ୍ର, ମମତା ସାହୁ, ସବିତା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ରାଜ୍ୟର ୨୧ଟି ବ୍ଲକରେ ଡିଗ୍ରୀ କଲେଜ ନ ଥିବାରୁ ବିଧାନସଭାରେ ଉଦବେଗ

ଭୁବନେଶ୍ୱର, ୨୨/୦୩ (ନି.ପ୍ର): ରାଜ୍ୟର ୨୧ଟି ବ୍ଲକରେ ଡିଗ୍ରୀ କଲେଜ ନ ଥିବା କାରଣରୁ ଗୃହରେ ଉଦବେଗ ପ୍ରକାଶ କରିଛନ୍ତି କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା । ଆଜି ପ୍ରଶ୍ନକାଳରେ ଏ ସମ୍ପର୍କିତ ଏକ ପ୍ରଶ୍ନ ବିଷୟରେ ଆଲୋଚନା ବେଳେ ସେ କହିଛନ୍ତ ଯେ ଯେଉଁ ବ୍ଲକ ମାନଙ୍କରେ ଡିଗ୍ରୀ କଲେଜ ନାହିଁ ସେଥି ମଧ୍ୟରୁ ଅଧିକ ହେଉଛି ସିଡ୍ୟୁଲ ଅଂଚଳର । ଏହି ଅଂଚଳରୁ ଡିଏମଏଫ ଅର୍ଥରେ ସରକାର ହକି ଷ୍ଟାଡ଼ିୟମ ତିଆରି କରି ପାରୁଛନ୍ତି ହେଲେ ପିଲା ମାନଙ୍କ ପାଇଁ ଡିଗ୍ରୀ କଲେଜ ଖୋଲି ପାରୁ ନାହାନ୍ତି ।

## ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା-ତାଲିମ ଶିବିର ଉଦ୍‌ଘାଟିତ

ବାଲେଶ୍ୱର,୨୨/୦୩ (ନି.ପ୍ର): ବାଲେଶ୍ୱରରେ ବିଦ୍ୟାଳୟସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ତାଲିମ ଶିବିର ସ୍ଥାନୀୟ ଅଙ୍ଗାରଗଡିଆ ସ୍ଥିତ ସତ୍ୟସାଇ ବିଦ୍ୟାମନ୍ଦିର ପରିସରରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡ଼କ୍ରସ ପତାକା ଉତ୍ତୋଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ଶୃଙ୍ଖଳିତ ଜୀବନଚର୍ଯ୍ୟା ସାଙ୍ଗକୁ ଶିକ୍ଷାକୁ ବାସ୍ତବ ଜୀବନରେ ପ୍ରୟୋଗ ପାଇଁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ସ୍ୱାସ୍ଥ୍ୟ ସେବା ଓ ବନ୍ଧୁତା କ୍ଷେତ୍ରରେ ରେଡକ୍ରସ ସଂଗଠନର ଅନ୍ତରାଷ୍ଟ୍ରୀୟ ଚିନ୍ତାଧାରା ସହ ଛାତ୍ରଛାତ୍ରୀଙ୍କୁ ଜଡ଼ିତ କରିବାରେ ଏହା ଏକ ସୁଯୋଗ ସୃଷ୍ଟି ହୋଇଛି ବୋଲି ଜିଲାପାଳ କହିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୁତାର ଏଥିରେ ସଭାପତିତ୍ୱ କରିବା ସହିତ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଶିବିରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ, ପ୍ରବନ୍ଧ, ବକ୍ତୃତା, ନୃତ୍ୟ ଓ ସଙ୍ଗୀତ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା ଆୟୋଜନ ସହ ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ପାଳନ, ଫାୟାର ଫାଇଟିଂ, ସମାଜସେବା, ପ୍ରାଥମିକ ଚିକିତ୍ସା ପ୍ରଭୃତି ଉପରେ ତାଲିମ ପ୍ରଦାନ ହେବ ବୋଲି ସେ ସୂଚନା ଦେଇଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରାଚୀ ତନୟା ଗିରି, ଜୁନିଅର ରେଡକ୍ରସ ଜିଲ୍ଲା ଅଧିକାରୀ ତଥା ନୀଳଗିରି ବ୍ଲକ ଶିକ୍ଷାଧିକାରୀ ସ୍ନିଗ୍ଧା ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନରହରି ଭୂୟାଁ ପ୍ରମୁଖ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟକ୍ତିତ୍ୱ ବିକାଶରେ ରେଡ଼କ୍ରସ ଶିକ୍ଷା ଓ ତାଲିମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ଜୁନିୟର ରେଡ଼କ୍ରସ ସୋସାଇଟିର ଯୁଗ୍ମ ସମ୍ପାଦକ ବାମନ ଚନ୍ଦ୍ର ମହାନ୍ତି ଏଥିରେ ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଶୋକ କୁମାର ନାୟକ ବିବରଣୀ ପାଠ କରିଥିଲେ । ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷକ ଦାମୋଦର ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଦୁଇ ଦିନିଆ ଶିବିରରେ ଜିଲାର ୧୩୦ ଗୋଟି ବିଦ୍ୟାଳୟରୁ ୩୭୨ ଜଣ ଶିବିରାର୍ଥୀ ଅଂଶଗ୍ରହଣ କରିଛନ୍ତି । ତନ୍ମଧ୍ୟରେ ୧୮୦ ବାଳକ , ୧୧୨ବାଳିକା ଓ ୮୦ କାଉନସିଲର ରହିଛନ୍ତି । ଉମାକାନ୍ତ ବେହେରା, ଚିତ୍ତରଂଜନ ପରିଡ଼ା, ସୋମନାଥ ନାୟକ, ସତ୍ୟନାରାୟଣ ଦାସ, ନରୋତ୍ତମ ପୁଟି, ସୁଧାଂଶୁ ଶେଖର ମଲ୍ଲିକ, ସତ୍ୟବ୍ରତ ପାତ୍ର, ମଳୟ କୁମାର ସାହୁ ପ୍ରମୁଖ ସାଧନକର୍ମୀ ଏହି ଶିବିର ପରିଚାଳନା କରୁଛନ୍ତି । ଜିଲ୍ଲାର ବିଭିନ୍ନ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ଏଥିରେ ଉପସ୍ଥିତ ରହି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି ।

## ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ : ଡିଆରକେ -ଏ ଟିମ ଚମ୍ପିୟାନ




ବାରିପଦା, ୨୨/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଂଜ ଏଥଲେଟିକ ଏସୋସିଏସନର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଓସିଏ ଭିଜନ - ୨୦୨୪ ଆନ୍ତଃ କ୍ଲବ କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଡିଆରକେ - ଏ ଟିମ ଡିଆରକେ - ବି ଟିମକୁ ୫ ଉଇକେଟରେ ପରାସ୍ତ କରି ଚମ୍ପିୟାନ ହୋଇଛି । ପ୍ରଥମେ ବ୍ୟାଟିଂ କରି ଡି ଆର କେ - ବି ୨୫.୩ ଓଭରରେ ୪ ଉଇକେଟ ହରାଇ ୨୭୮ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅବିନାଶ ଖଣ୍ଡେଲୱାଲ ୧୦୧, ସୌମ୍ୟ ରଂଜନ ମହାନ୍ତ ୪୫, ପ୍ରୀତପାଲ ସିଂହ ୪୩, ଭବାନୀ ଶଙ୍କର ପାତ୍ର ୩୧ ଓ ଅନାଦି ମହାନ୍ତ ୨୪ ରନ କରିଥିବା ବେଳେ ବିପକ୍ଷ ଦଳର ସାଇବା ସିଂ ୨ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତରରେ ଡି ଆର କେ - ଏ ୨୫.୩ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ଚମ୍ପିୟାନ ହୋଇଥିଲେ । ଦଳ ପକ୍ଷରୁ ଶୁଭମ ମହାନ୍ତି ୬୧, ମନୁ ରାମ ୪୭, ସଂଜୟ ସିଂ ଓ ସାଇବା ସିଂ ୨୭ ରନ ଏବଂ ମୋହିତ କଙ୍କରିଆ ୨୩ ରନ କରିଥିବା ବେଳେ ବିପକ୍ଷ ଦଳର ମେରି ଲୋକନାଥ ୨ ଟି ଉଇକେଟ ନେଇଥିଲେ । ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ । ଅତିଥି ଭାବେ ଯୋଗ ଦେଇ ଏମସିସି ବ୍ୟାଙ୍କ ସଭାପତି ସୁବ୍ରମନ୍ୟମ ମହାନ୍ତି ଓ ନିର୍ଦ୍ଦେଶକ ମଳୟ ଜେନା ଆଜିର ଖେଳକୁ ଉଦଘାଟନ କରିଥିବା ବେଳେ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ଆସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଫାଇନାଲ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ସାଇବା ସିଂ ଓ ଚମ୍ପିୟାନ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ଚୋରା ବାଲି ବୋଝେଇ ଟ୍ରାକ୍ଟର ଓଲଟିଲା ଧାନବିଲକୁ

ଜଳେଶ୍ୱର, ୨୨/୩(ନି.ପ୍ର): ଆଜି ଏକ ନମ୍ବର ବିହିନ ଟ୍ରାକ୍ଟରରେ ଚୋରାବାଲି ଧରି ଗଲାବେଳେ ଜାତୀୟ ରାଜପଥର ନାଙ୍ଗୁଡସାହି ନିକଟରେ ଧାନ ବିଲକୁ ଓଲଟି ପଡିଛି । ଟ୍ରାକ୍ଟର ଗଲାବେଳେ ନିକଟରେ ପୁଲିସ୍‌ର ଏକ ପେଟ୍ରୋଲି ଗାଡି ଦେଖି ଛାନିଆରେ ତରବରରେ ଗଲାବେଳେ ଭରାସାମ୍ୟ ହରାଇ ଓଲଟି ପଡିଥିବା ଜଣାଯାଇଛି । ଏଥିରେ ଡ୍ରାଇଭର ଅଳ୍ପକେ ରକ୍ଷା ପାଇଥିବା ବେଳେ ଧାନ କିଆରିର ଧାନଗଛ ନଷ୍ଟ ହୋଇ ଯାଇଛି । ପ୍ରକାଶ ଯୋଗ୍ୟ ପଶ୍ଚିମବଂଗକୁ ପ୍ରତିଦିନ ଚୋରାରେ ଚଢାଦରରେ ବ୍ୟାପକ ବାଲି ଚୋରାଚାଲାଣ ହୋଇ ଆସୁଛି । ଏଥିପ୍ରତି ପ୍ରଶାସନ ନଜର ଦେବାକୁ ସାଧାରଣରେ ଦାବି ହେଉଛି ।

## ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା

ଜଳେଶ୍ୱର, ୨୨/୩(ନି.ପ୍ର): ମ୍ୟାଟ୍ରିକ ପରୀକ୍ଷା ପରେ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ଡ. ଅଜିତ୍ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇ ସୁସ୍ଥ ସମାଜ ଓ ଭଲ ମଣିଷ ହେବାପାଇଁ ଛାତ୍ରଛାତ୍ରୀମାନେ ପ୍ରୟାସ ଜାରି ରଖିବା ଉଚିତ ବୋଲି କହିଥିଲେ । ଶିକ୍ଷକ ଅଂଜନ ପାତ୍ର, ସୁଜିତ ସିଟ, ମୌସୁମୀ ଗୁପ୍ତା, ଆର୍ ମଲିନା, ସଂଜିବ କୁମାର ଗିରି, କମଳାକାନ୍ତ ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ୫୧ ଜଣ ଛାତ୍ରଛାତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

## ସାର୍ବଜନୀନ ଚଉଦମାଦଳକୁ ଉଦ୍‌ଘାଟିତ କଲେ ପୋଲିସ ଉପଖଣ୍ଡ ଅଧିକାରୀ



ବସ୍ତା, ୨୨/୦୩ (ନି.ପ୍ର): ବସ୍ତା ବ୍ଲକ କୁଡିଆପଞ୍ଚାୟତ ଜମାଲପୁର ଗ୍ରାମରେ ବୁଧବାର ଭକ୍ତି ଆଧ୍ୟାତ୍ମିକ ଭାବନାରେ ୩୦୦ଶହରୁ କୁଡିଆପଞ୍ଚାୟତ ସରପଞ୍ଚ ଗୌରାଙ୍ଗ ବେହେରାଙ୍କ ପୌରହିତ୍ୟରେ ୩ଶହରୁ ଉର୍ଦ୍ଧ ମହିଳା ଖଗେଶ୍ୱର ମହାଦେବ ପୋଖରୀରୁ ପାଣିଧରି ଚଉଦମାଦଳ ପୂଜା ମଣ୍ଡପକୁ ନେଇଥିଲେ । ବସ୍ତା ଉପଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ଜଳଧରଜାଲି ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନକରି ଚଉଦମାଦଳ କମିଟିର ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଯଣାଇଥିଲେ । ମୁଖ୍ୟ ଅତିଥି ଯୁବ ସମାଜସେବୀ ସୁମନ୍ତକୁମାରଜେନା ଯୋଗ ଦେଇ ଧାର୍ମିକ ଭାବନା ଆଧ୍ୟାତ୍ମିକ ଚିନ୍ତନ ଆଣିଦିଏ ହରିନାମ । ପରସ୍ପର ମଧ୍ୟରେ ସଦ୍ ଭାବନା ଭାଇଚାରା ସୃଷ୍ଟିକରିବାର ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଅଧ୍ୟକ୍ଷ ଅରୁଣ କୁମାର ଗିରି, ସମ୍ମାନୀତ ଅତିଥି ଜଗନ୍ନାଥ ସେବକ, ରତିକାନ୍ତ ପଣ୍ଡା, ବିଶିଷ୍ଟ ଅତିଥି ଗୋପାଳଚନ୍ଦ୍ର ଗିରି, ବରିଷ୍ଠ ସମାଜସେବୀ କୁମୁଦରଞ୍ଜନ ଗିରି, ସଞ୍ଜୟ ଜେନା, ନିତ୍ୟାନନ୍ଦ ଜେନା, ରାକେଶ ଗିରି, ରାଜେଶ ଗିରି, ବିଜୟ ଜେନା, ପିଣ୍ଟୁ ବେହେରା, ସୁଜୟ କୁମାର ଗିରି, ବାପି ଦାସ, ସନ୍ତୋଷ ବେହେରା, ସଞ୍ଜୟ କୁମାର ଗିରି, ଉପସ୍ଥିତ ରହିଥିଲେ । ୪ଦିନଧରି ହରିନାମ ସଂକିର୍ତ୍ତନ ଚାଲୁରହିବା ସହିତ ପ୍ରତ୍ୟେକ ଦିନ ସଂଧ୍ୟା ସମୟରେ ୪ଟି କିର୍ତ୍ତନ ଦଳ ୫୬ଟି ମୃଦଙ୍ଗ ବଜାଇ ମେଳି କାର୍ଯ୍ୟକ୍ରମ ହେବ ଆସନ୍ତା ୨୫ ତାରିଖରେ ପ୍ରଶାଦ ସେବନର କାର୍ଯ୍ୟକ୍ରମ ହେବ ବୋଲି ଚଉଦମାଦଳର କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସମସ୍ତ କମିଟିର ସଭ୍ୟ ଓ ଗ୍ରାମବାସୀ ସହଯୋଗ କରିଛନ୍ତି ।

## ୪୦ତମ ଶ୍ରୀରାମ ରଚିତ ନବରାତ୍ର ନାମଯଜ୍ଞ



ଭଦ୍ରକ, ୨୨/୦୩ (ନି.ପ୍ର): ଶ୍ରୀ ଲୋକନାଥ ମନ୍ଦିର ପରିସରରେ ଚିନ୍ତା ଚେତନା ଆଧାତ୍ମିକ ପରିଷଦ ତରଫରୁ ୪୦ତମ ଶ୍ରୀରାମ ଚରିତ ନବରାତ୍ର ନାମଯଜ୍ଞ ତଥା ରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମରେ ଅଧିବାସ ସଂଧ୍ୟା ପରିଷଦର ପ୍ରତିଷ୍ଠାତା ସଂପାଦକ ଶ୍ରୀଯୁକ୍ତ ରାମନାରାୟଣ ପାଣିଗ୍ରାହୀ ଓ ସଭାପତି ବିଶିଷ୍ଟ ଶିଶୁ ସାହିତ୍ୟିକ ଶ୍ରୀ ହରମୋହନ କୁଅଁରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇହାଇଛି । ଉପସଭାପତି ଶ୍ରୀ ବ୍ରଜ କିଶୋର ଦାସ ଓ ଶ୍ରୀ ବୈଲୋଚନ ବେହୁରିଆ ତଥା ଅଧିବାସର ପୁରୋଧ ଶ୍ରୀ ରାମ ନାରାୟଣ ମହାନ୍ତିଙ୍କ ସହଯୋଗରେ ଉକ୍ତ ଆଧାତ୍ମିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପଣ୍ଡିତ ଘନଶ୍ୟାମ ଲେଙ୍କାଙ୍କର ପବିତ୍ର ବେଦମନ୍ତ୍ର ଆବୃତିପରେ ଓଡ଼ିଶାର ସୁନାମଧନ୍ୟ ପ୍ରବଚକ ବାଣୀ ଭାରତୀ ଡ. ଗୁରୁ ପ୍ରସାଦ ମହାପାତ୍ର ନିଜର ସୁଲଳିତ କଂଣ୍ଠରେ ସନ୍ଥ ତୁଳସୀ ଦାସଙ୍କ ରାମ ଚରିତ ମାନସର ତାତ୍ୱିକ ଆଲୋଚନା ପରିବେଷଣ କରିଥିଲେ । ଏହି ଅବସରରେ ସନ୍ଥ ତୁଳସୀ ଦାସଙ୍କ ଦ୍ୱାରା ଭୋଜପୁରୀ ଭାଷାରେ ରଚିତ ରାମ ଚରିତ ମାନସର ଚୌପାହୀ ଦୋହା ଗୁଡ଼ିକ ଓଡ଼ିଆ ଭାଷାରେ ପଣ୍ଡିତ ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଅନୁଦିତ କାବ୍ୟଗ୍ରନ୍ଥଟିକୁ ପ୍ରବଚକ ଡ. ଗୁରୁପ୍ରସାଦ ମହାପାତ୍ର ଉନ୍‌ମୋଚନ କରିଥିଲେ । କାବ୍ୟଗ୍ରନ୍ଥଟି ପାଠକ ମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । ଏହି ପ୍ରବଚନ କାର୍ଯ୍ୟକ୍ରମ ଆସନ୍ତା ତା ୩୦-୦୩-୨୦୨୩ ପବିତ୍ର ଶ୍ରୀରାମ ନବମୀ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଚାଲିବ । ଏହି କାର୍ଯ୍ୟକ୍ରମରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ପରିଷଦର ସଭାପତି ଶ୍ରୀ କୁଅଁର ନିବେଦନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସଭ୍ୟ ଶ୍ରୀ ଶାନ୍ତନୁ କୁମାର ରାଉତ, କରୁଣାକର ଉପାଧ୍ୟାୟ, ଆଦିତ୍ୟ କୁମାର ନାୟକ, ବିଜୟ କୁମାର ପଣ୍ଡା, ଚନ୍ଦ୍ର ମୋହନ ମହାନ୍ତି, ଆଦିତ୍ୟ କୁମାର ନାୟକ, ମୁକ୍ତିକାନ୍ତ ମହାପାତ୍ର, ଅଭିମନ୍ୟୁ ନାୟକ, କ୍ଷୀରୋଦ ଚନ୍ଦ୍ର ମିଶ୍ର, ଗଙ୍ଗାଧର ଦାସ, ଅତୁଲ କୁମାର ଦେ ସହଯୋଗ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଜାଗା ମିଶନ ହିତାଧିକାରୀ....

ସରକାର ଚାଲିଛି ବୋଲି କେବଳ ଡିଣ୍ଡିମ ପିଟାହେଉଛି ପ୍ରକୃତ କଥା ହେଉଛି ଦୁର୍ନୀତିର ବୁଡ଼ିରହିଥିବା ସରକାର ଓ ପ୍ରଶାସନିକ ଅଧିକାରୀଙ୍କ ମିଳିତ ମେଂଟ ସରକାର ଚାଲିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ କହିଛନ୍ତି । ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା କଂଗ୍ରେସ ଦଳର ନେତା ବିଜୟ ପଟ୍ଟନାୟକ ସାମ୍ବାଦିକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ସହରାଂଚଳର ଥିବା ବସ୍ତି ବାସିନ୍ଦାଙ୍କୁ ଗୃହ ଯୋଗାଇବାପାଇଁ ତତ୍‌କାଳୀନ କଂଗ୍ରେସ ନେତୃତ୍ୱାଧିନ ଉପାସରକାର ରାଜୀବ ଆୱାସ ଯୋଜନା କରିଥିଲେ । ଆଜି ଭୁବନେଶ୍ୱର ମହାନଗର ଅଂଚଳର ୱାର୍ଡ-୨୫ ବେହେରା ବସ୍ତିର ଭୁବନେଶ୍ୱର ମହାନଗର ନିଗମ ହିତାଧିକାରୀ ତାଲିକା ୬.୩.୨୦୨୩, ଚିଠି ସଂଖ୍ୟା ୧୦୯୮୪ରେ ପ୍ରକାଶ କରିଥିଲେ । ଏହି ତାଲିକାକୁ କିଏ ଓ କାହିଁକି ୬ ତାରିଖରୁ ୧୧.୩.୨୦୨୩ ପର୍ଯ୍ୟନ୍ତ ବସ୍ତିରେ ପ୍ରକାଶ ନକରି ଚାପି ରଖାଯାଇଥିଲା । ୧୧ ତାରିଖ ଦିନ ସଂଧ୍ୟାବେଳେ ଏହି ତାଲିକା ସେହି ବେହେରା ବସ୍ତିରେ ଲଗାଗଲା । ଏଥିରେ ବହୁ ହିତାଧିକାରୀ ଯେଉଁମାନଙ୍କର ଭୁବନେଶ୍ୱର ମହାନଗର ନିଗମ ଅଂଚଳର ଘରବାଡ଼ି ଜମି ଅଛି, କୋଠାବାଡ଼ି ଅଛି, ପ୍ରାଇଭେଟ କାର ଓ ଟ୍ୟାକ୍ସି ୩-୪ ଅଛି, ଦୋକାନ ବାଡ଼ି ଅଛି ସେମାନଙ୍କୁ ମଧ ଦିଆଯାଇଛି । ଏପରିକି ଏକ ପରିବାରକୁ ଜମି ଯୋଗାଇବା ପରିବର୍ତେ ସ୍ୱାମୀ ଏବଂ ସ୍ତ୍ରୀ, ପୁଅ ଓ ଝିଅ ଅବିବାହିତ ଏ ସମସ୍ତଙ୍କୁ ଅଲଗା ଅଲଗା ହିତାଧିକାରୀ ତାଲିକାରେ ସାମିଲ କରାଯାଇଛି । ଯେଉଁମାନେ ସ୍ଥାନୀୟ କର୍ପୋରେଟର, ଜାଗାମିଶନର ଅଧିକାରୀଙ୍କୁ ପ୍ରଭାବିତ କରିପାରିଛନ୍ତି ସେମାନେ ଓ ବିଜୁ ଜନତା ଦଳର କର୍ମୀ ବା ସ୍ଥାନୀୟ ନେତୃତ୍ୱ ଏହି ତାଲିକାରେ ସ୍ଥାନ ପାଇଛନ୍ତି । ବହୁ ଲୋକ ସେ ବସ୍ତିରେ ୨୫ରୁ ୩୦ ବର୍ଷ ଧରି ରହିଥିଲା ବେଳେ ସେମାନଙ୍କ ପାଖରେ ସବୁ ପ୍ରମାଣ ପତ୍ର ଥାଇ ମଧ ତାଙ୍କ ନାମ କାଟି ଦିଆଯାଇଛି ।

### ପିଏମ ପୋଷଣରେ ଓଡ଼ିଶାକୁ ....

କେନ୍ଦ୍ରୀୟ ଅଂଶ ୫୯୬.୭୫ କୋଟି ଟଙ୍କା ହୋଇଥିବା ବେଳେ ରାଜ୍ୟର ଅଂଶ ୩୪୪.୨୪ କୋଟି ଟଙ୍କା ହୋଇଥିଲା । ରାଜ୍ୟ ସରକାରଙ୍କୁ ଏହି ଅନୁପାତରେ ନିଜର ଅତିରିକ୍ତ ବଜେଟରେ ଅର୍ଥ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି । ରାଜ୍ୟ ସରକାରଙ୍କ ଦ୍ୱାରା ବଜେଟରେ ଓ ପରେ ନିଜର ଅତିରିକ୍ତ ବଜେଟରେ ବର୍ଦ୍ଧିତ ଆବଂଟନ ନଥିବା କାରଣରୁ କେନ୍ଦ୍ରୀୟ ଅଂଶ ଭାବରେ ୩୩.୩୧ କୋଟି ଏବଂ ରାଜ୍ୟ ଅଂଶ ଭାବରେ ୧୭. ୬୮ କୋଟି ନିଅଂଟ ପଡିଥିଲା । ଏବେ ରାଜ୍ୟ ସରକାରଙ୍କ ସ୍କୁଲ ଗଣଶିକ୍ଷା ବିଭାଗ ଦ୍ୱାରା ମାର୍ଚ୍ଚ ୨୦୨୩ରେ ଏକ ପତ୍ର ମାଧ୍ୟମରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ଏବଂ ରାଜ୍ୟ ଅଂଶ ପାଇଁ ଅତିରିକ୍ତ ଅର୍ଥ ବ୍ୟବସ୍ଥା କରିବା ପାଇଁ ଅସମର୍ଥ ଥିବା ଦର୍ଶାଇଛନ୍ତି । ରାଜ୍ୟ ସରକାରଙ୍କ ପୂର୍ବ ପ୍ରସ୍ତାବକୁ ତର୍ଜମା କରିବା ପରେ ପିଏମ ପୋଷଣ ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇଛି । ପ୍ରୋଗ୍ରାମ ଆପ୍ରୁଭାଲ ବୋର୍ଡ(ପିଏମବି)ର ଅନୁମୋଦନ ଅନୁସାରେ ଦ୍ୱିତୀୟ କିସ୍ତିରେ ରାଜ୍ୟ ସରକାର ୩୦୮.୭୯ କୋଟି ଟଙ୍କା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ବଜେଟରେ କୌଣସି ପ୍ରାବଧାନ କରାଯାଇ ନଥିବା କାରଣରୁ ଭାରତ ସରକାର ଦ୍ୱିତୀୟ କିସ୍ତିରେ ଓଡ଼ିଶାକୁ ପିଏମ ପୋଷଣ ଯୋଜନା ପାଇଁ ୨୮୩.୭୮ କୋଟି ଅର୍ଥ ଦେଇ ସାରିଥିବା ବେଳେ ରାଜ୍ୟ ସରକାର ପିଏଫଏମଏସ ମାଧ୍ୟମରେ ବିସ୍ତୃତ ପ୍ରସ୍ତାବ ପ୍ରଦାନ କଲେ ଆହୁରି ୨୫ କୋଟି ଟଙ୍କା ପ୍ରଦାନ କରାଯିବ ।

### ଡିଜେ ଆଜେକ୍ସଙ୍କ ଆତ୍ମହତ୍ୟା ପଛରେ....

ସ୍ପଷ୍ଟ ଜଣାପଡୁଛି । ୨ଟି ଫଟୋରେ ସେ କାନ୍ଦୁଥିବା ଦେଖିବାକୁ ମିଳିଛି । ଏଥିସହ ମୃତ୍ୟୁ ପୂର୍ବରୁ ନିଜ ବାନ୍ଧବୀଙ୍କୁ ମେଲ୍ କରି ଆଜେକ୍ସ ଅନେକ ଗୁଡିଏ କଥା ଲେଖିଥିଲେ । ସପ୍ତାହ ହେଲାଣି ଶୋଇ ପାରୁନି, ସ୍ଲିପିଂ ଟାବଲେଟ୍ ଖାଉଛି । ଯେତେବେଳେ ଝଗଡ଼ା ହୁଏ, ତମେ ମୋତେ କୁହ ଭୂତ ହୋଇଯିବାକୁ ଏବେ ମୁଁ ସବୁଦିନ ପାଇଁ ଭୂତ ହୋଇଯାଉଛି, ବହୁ ଦୂରକୁ ଚାଲିଯାଉଛି ବୋଲି ମେଲ୍ ଯୋଗେ ଲେଖିଥିଲେ ଡିଜେ ଆଜେକ୍ସ । ଗତକାଲି ଜିଜ୍ଞାସାଙ୍କୁ ପଚରା ଉଚରା କରିବା ବେଳେ ସେ କହିଥିଲେ ଯେ ଆଜେକ୍ସ ବାନ୍ଧବୀ ଜିଜ୍ଞାସାଙ୍କୁ ଭଲ ପାଉଥିବା ବେଳେ ସମାନ ସମୟରେ ଆଉ ଜଣେ ଯୁବତୀଙ୍କ ଶହ ସମ୍ପର୍କରେ ଥିଲେ । ଆଜେକ୍ସଙ୍କ ମୃତ୍ୟୁର ୩ ଦିନ ପୂର୍ବରୁ ଆଜେକ୍ସଙ୍କ ସହ ଜିଙ୍ଗସା ଓ ଅନ୍ୟ ଜଣେ ଯୁବତୀ ସାମ୍ନା ସାମନି ହୋଇଥିଲେ । ଆଜେକ୍ସଙ୍କୁ ଫୋନ କନଫରେନ୍ସରେ ନେଇ ଦୁଇ ଦୁଇଟି ପ୍ରେମ ସମ୍ପର୍କର ଖୁଲାସା କରିଥିଲେ ଏହି ଦୁଇ ପ୍ରେମିକା । ଏଇଠୁ ଆରମ୍ଭ ହୋଇଥିଲା ପ୍ରେମ ସମ୍ପର୍କରେ ଫାଟ । ଆଜେକ୍ସ କରିଥିବା ଭୁଲର ପ୍ରତିବାଦରେ ଆଜେକ୍ସ ଠୁ ଦୁରେଇ ଯାଇ ନିଜ ପୁରୁଣା ପ୍ରେମିକ ରଶ୍ମିଙ୍କ ସହ ମିଳାମିଶା କରିଥିଲେ ଜିଜ୍ଞାସା । ଯାହାକୁ ସହି ପାରିନଥିଲେ ଆଜେକ୍ସ । ଜିଜ୍ଞାସା ଦେଇଥିବା ତଥ୍ୟ ଆଧାରରେ ପୋଲିସ ପାଖରେ ଥିବା ଡିଜିଟାଲ ତଥ୍ୟ ସହିତ ମେଳ କରି ତଦନ୍ତ ଆଗେଇଛି ପୋଲିସ । ଦରକାର ପଡିଲେ ପୁଣିଥରେ ଏହି ତଥ୍ୟକୁ ନେଇ ଜିଜ୍ଞାସା, ଆଜେକ୍ସଙ୍କର ପରିବାର ଲୋକେ ଓ ଅନ୍ୟ ଜଣେ ପ୍ରେମିକାଙ୍କୁ ପଚରା ଉଚରା କରିବ ପୋଲିସ ।

### ସୋନପୁରରେ ଦୁର୍ଘଟଣାରେ....

ଡାକ୍ତରଖାନାକୁ ଆସି ଆହତ ଛାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହିତ ମୃତ ଛାତ୍ରମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୩ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଏହାସହିତ ଆହତ ଛାତ୍ର ମାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ସେମାନଙ୍କ ପାଇଁ ୫୦ ହଜାର ଟଙ୍କାର ସହାୟତା ମଧ ଘୋଷଣା କରିଛନ୍ତି ଏବଂ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ପ୍ରଶାନ୍ତି ଶିଶୁ ବିହାରର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୨୨/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡା ପ୍ରଶାନ୍ତି ଶିଶୁ ବିହାରର ତ୍ରୟୋବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଏହି ଉତ୍ସବ ରେ ସଭାପତିତ୍ୱ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼କ୍ଟର ମାୟାଧର ସାହୁ, ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ଶିକ୍ଷାବିତ ପୂର୍ଣଚନ୍ଦ୍ର ପରିଡା, ବେତଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୌତମ ବେହେରା, ପୂର୍ବତନ ସଂଯୋଜକ ଦୈତାରୀ ବେହେରା, କବି ଓ ଗାଳ୍ପିକ ପ୍ରଶାନ୍ତ ଦାସ, ବିଦ୍ୟାଳୟ ସଭାପତି ସଂଜୀବ ପାଣିଗ୍ରାହୀ ପ୍ରମୁଖ ଏହି ଉତ୍ସବରେ ଅତିଥି ଓ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ ଓ ବିଦ୍ୟାଳୟର ଗୁରୁଜୀ ବିଜନ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଗୁରୁଜୀ ବିଦ୍ୟାଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ର ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ ।


## ପାର୍କିଂ ପାଇଁ ଇ-ନିଲାମ ବିଜ୍ଞପ୍ତି

**e-Action Catalouge No : PARK- KGP-23-07**, ତାରିଖ: ୨୧.୦୩.୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ, ଶ୍ରୀ ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର, ଦକ୍ଷିଣପୂର୍ବ ରେଳପଥ, ଖଡଗପୁର ଡିଭିଜନ୍ **LXD, BTQ, HLZ, JPR & BSBP** ରେ ଦୁଇଟି ଚକିଆ ପାର୍କିଂ ପାଇଁ ୫ (ପାଂଚ) ନମ୍ବର ପାର୍କିଂ ପାଇଁ ଇ-ନିଲାମକୁ ଆମନ୍ତ୍ରଣ କରିଛନ୍ତି । ଏବଂ **DGHA** ଏବଂ **GTS** ରେଳ ଷ୍ଟେସନ ପରିସରରେ ମିଶ୍ରିତ ପାର୍କିଂ ପାଇଁ ୨ (ଦୁଇ) ପାର୍କିଂ ସ୍ଥାନ ୩ (ତିନି) ବର୍ଷ ପାଇଁ ଯାହା ୱେବସାଇଟ୍ **https: //www.ireps.gov.in** ରେ ସୂଚିତ କରାଯାଇଛି ।

| ବର୍ଗ | କାଟାଲଗ୍ ନଂ | ସଂଖ୍ୟା | ନିଲାମର ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ବନ୍ଦ |
|---|---|---|---|---|---|
| ଦୁଇଚକିଆ ଯାନ ପାଇଁ ପାର୍କିଂ ସ୍ଥାନ | ପାର୍କ-କେଜିପି -୨୩-୦୭ | ୦୭ | ୦୬.୦୪.୨୦୨୩ | ୧୧.୧୫ ଘଂଟା | ୧୨.୪୫ ଘଂଟା |

ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ପରି ୱେବସାଇଟ୍ ମାଧ୍ୟମରେ ଯିବାକୁ ଇଚ୍ଛୁକ ପକ୍ଷ ଏବଂ କଣ୍ଟ୍ରାକ୍ଟରମାନେ ଅନୁସନ୍ଧାନ / ସ୍ପଷ୍ଟୀକରଣ ପାଇଁ, ଯଦି ଅଛି, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

(PR-1215) ବରିଷ୍ଠ ବିଭାଗୀୟ ବାଣିଜ୍ୟିକ ମ୍ୟାନେଜର/ଖଡ଼ଗପୁର

ଦକ୍ଷିଣପୂର୍ବ ରେଳପଥ
ହସି ହସି ଆପଣଙ୍କ ସେବାରେ

# ହିନ୍ଦୁ ନବବର୍ଷ ଓ ବନ୍ଧୁ ମିଳନ ଅନୁଷ୍ଠିତ

ବାଲେଶ୍ୱର, ୨୨/୦୩ (ନି.ପ୍ର): ହିନ୍ଦୁ ନବବର୍ଷ କମିଟି ପକ୍ଷରୁ ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ଭାରତୀୟ ନବବର୍ଷ ପାଳନ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବୁଧବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ବେଦପାଠ ସହ ବିଶ୍ୱ ଶାନ୍ତି ପୂଜା, ହୋମଯଜ୍ଞ ପ୍ରଭୃତି କରାଯାଇଥିଲା। ସନ୍ଧ୍ୟାରେ ଇସ୍କନ ଦ୍ୱାରା ନାମ ସଂକୀର୍ତ୍ତନ ସହ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କମିଟିର ଅଧ୍ୟକ୍ଷ ଆଲୋକ କୁମାର ପଣ୍ଡା ମଞ୍ଚ ପରିଚାଳନ କରି ଏହାର ଐତିହାସିକ ପୃଷ୍ଠଭୂମି ଓ ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଡାକ୍ତର ସନତ କୁମାର ଦାଶ ଓ ସଂଜୟ ମହାପାତ୍ର ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ କି ଯଦି ଇଂରାଜୀ ନବବର୍ଷ ଟିଏ ଅଛି, ତାହେଲେ ସବୁଠାରୁ ପୁରାତନ ସଂସ୍କୃତିର ପୀଠଭୂମି ଏଇ ଭାରତରେ ଭାରତୀୟ ନବବର୍ଷ ଟିଏ ନଥିବ ବା କେମିତ ? ହଜାର ହଜାର ବର୍ଷ ଧରି ନୂଆବର୍ଷ ପାଳିତ ହୋଇ ଆସୁଥିବା ବେଳେ ସୃଷ୍ଟିକର୍ତ୍ତା ବ୍ରହ୍ମା ଚୈତ୍ର ଶୁକ୍ଳ ପ୍ରତିପଦରେ ସୃଷ୍ଟ ସର୍ଜନା କରିଥିଲେ। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ରାଜ୍ୟାଭିଷେକ ଏହିଦିନ ହୋଇଥିଲା। ସମ୍ରାଟ ବିକ୍ରମାଦିତ୍ୟ ଏହି ଦିନରେ ସିଂହାସନ ଆରୋହଣ କରିଥିଲେ। ସ୍ୱାମୀ ଦୟାନନ୍ଦ ସରସ୍ୱତୀ ମଧ ଆର୍ଯ୍ୟ ସମାଜର ପ୍ରତିଷ୍ଠା ଏହି ତିଥି ରେ ହିଁ କରିଥିଲେ। ଏହା ଭାରତୀୟ ନବବର୍ଷର ପୃଷ୍ଠଭୂମି ଓ ଇତିହାସ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କମିଟିର ସମ୍ପାଦକ ପ୍ରଶାନ୍ତ ନାୟକ କମିଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମର ବିବରଣୀ ପାଠ ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରିବା ସହ ଭାରତୀୟ ସଂସ୍କୃତି ଉପରେ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା। ସଂଗଠନର ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଧାକର ପାଢ଼ୀ, ରଜନୀକାନ୍ତ ଶତପଥୀ, ଡ. କ୍ଷୀତେଶ୍ୱର ଦାଶ, ନିମାଇ ଚରଣ ଅଧିକାରୀ, ଭାଗ୍ୟରଂଜନ ନାୟକ, ଦେବବ୍ରତ ଦାସ, ଅଶୋକ କୁମାର ବଗୁଡାଇ ପ୍ରମୁଖ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

# ବର୍ଷା ଓ କରକାପାତରେ ବ୍ୟାପକ କ୍ଷତି : ପର୍ଯ୍ୟଟନ ମନ୍ତ୍ରୀଙ୍କ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ

ପଶ୍ଚିମବାର୍ଡ, ୨୨/୦୩ (ନି.ପ୍ର): ଗତ ୩ ଦିନ ଧରି ବର୍ଷା ଓ କୁଆପଥର ମାଡରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବ୍ୟାପକ କ୍ଷତି ଘଟିଛି । ଏଥି ମଧ୍ୟରୁ ତରବୁଜ ଓ ରବିଋତୁରେ ବାହାରିଥିବା ଧାନକେଣ୍ଡାର ବ୍ୟାପକ କ୍ଷତି ଘଟିଥିବାରୁ ଆଜି ଜଳେଶ୍ୱର ବିଧାୟକ ତଥା ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜିଲାପାଳଙ୍କ ନିର୍ଦ୍ଦେଶରେ ଆଜି ଜିଲାସ୍ତରୀୟ କୃଷି ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଚଳିତବର୍ଷ ଜଳେଶ୍ୱର ବ୍ଲକରେ ୩୫୦ ହେକ୍ଟର ଜମିରେ ତରବୁଜ ଓ ପ୍ରାୟ ୬ ହଜାର ହେକ୍ଟର ଜମିରେ ରବିଧାନଚାଷ ହୋଇଛି । ଏହା ବ୍ୟତିତ ୩ହଜାର ହେକ୍ଟର ଜମିରେ ବିଭିନ୍ନ ପରିବାଚାଷ ହୋଇଥିବାରୁ କୁଆପଥର ମାଡରେ ସେଗୁଡିକର କ୍ଷତି ଘଟିଛି । ଏବେବି ଜମିଗୁଡିକରେ ବର୍ଷାପାଣି ଲହଡି ଖେଳୁଛି ଏବଂ କୁଆପଥର ମାଡରେ ଫଳିଥିବା



ତରବୁଜ, କଖାରୁ, କାକୁଡି, ଜହ୍ନି, ଫୁଟି, ପୋଟଳ ଇତ୍ୟାଦି କ୍ଷତି ଘଟିଛି । ଜମିରେ ପାଣି ଜମିଯିବା ଫଳରେ ଆଜି ପରିବା ଓ ତରବୁଜ ଗଛ ଗୁଡିକ ଝାଉଁଳି ଯାଇଛି । ଧାନଗଛର ଥୋଡ ଗୁଡିକ ଫାଟିଯିବା ଫଳରେ ସେ ଗୁଡିକ ଅଗଡି ହେବାର ସମ୍ଭାବନା ଦେଖା ଦେଇଛି । କେଣ୍ଡାରୁ ବାହାରୁଥିବା ଧାନଗଛ ଗୁଡିକ ଭାଂଗି ଯିବା ସହିତ ଫୁଲ ମଧ୍ୟ ଝଡି ଯାଇଛି । ଗତ ୩ ଦିନ ଧରି ବର୍ଷା ଓ କୁଆପଥର ମାଡ ଲାଗି ରହିଥିବାରୁ ଚାଷୀଙ୍କ ବ୍ୟାପକ କ୍ଷତି ଘଟିବା ସଂପର୍କରେ କୁହାଯାଇଛି । ଆଜି ଏ ସଂପର୍କରେ ଜଳେଶ୍ୱର ବିଧାୟକ ତଥା ମନ୍ତ୍ରୀ ଜିଲାପାଳ ଓ କୃଷି ଅଧିକାରୀଙ୍କ ସହ ଆଲୋଚନା କରିବାରୁ ସହକାରୀ ନିର୍ଦ୍ଦେଶକ ସରୋଜ କୁମାର ଗିରି, ଗୋଷ୍ଠି କୃଷି ଅଧିକାରୀ ସଂଜୟ କୁମାର ରାଉତ, ଗ୍ରାମସେବକ କବିତା ସିଂ, ଆର୍‌ଆଇ ସବିତା ଘଡେଇ, ଉଦ୍ୟାନ ବିଭାଗ କର୍ମଚାରୀ କେଦାର ଜେନା, ଏଟିଏମ୍ ଚିନ୍ମୟ ବ୍ରହ୍ମ ଓ ରାଜେଶ ସାହୁ ପ୍ରମୁଖ ବିଭିନ୍ନ ଅଂଚଳ ବୁଲି କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି । ଜଳେଶ୍ୱର ପୌରପରିଷଦ ଅଂଚଳରେ ୧୦ ହେକ୍ଟର ତରବୁଜ ଓ ପରିବା, ଗୋବରଘଟା ପଂଚାୟତର ୬୦ ହେକ୍ଟର ତରବୁଜ ଓ ପରିବା, ଲକ୍ଷ୍ମଣନାଥ ପଂଚାୟତର ୭୦ ହେକ୍ଟର ଜମିରେ ତରବୁଜ ଓ ପରିବା, ଶ୍ରୀରାମପୁର ପଂଚାୟତରେ ୩୦ ହେକ୍ଟର ତରବୁଜ ଓ ପରିବା ସହିତ ୧୨୦ ହେକ୍ଟର ଜମିରେ ଧାନଚାଷ କ୍ଷତିଗ୍ରସ୍ତ ହୋଇଛି ବୋଲି କୃଷି ଅଧିକାରୀମାନେ ଆକଳନ କରିଛନ୍ତି । ଏଥିରେ ପଂଚୁଘଣ୍ଟା, କୃଷ୍ଣନଗର, ଗୋବରଘଟା, ବିରିଶପୁର, ଲକ୍ଷ୍ମଣନାଥ, ଶ୍ରୀରମପୁର, ମାଳିପାଳ, ଗୁରୁଦାସପୁର ଓ ମହୁଲକୁଲି ଗାଁର ଅଧିକ କ୍ଷତି ଘଟିଥିବା ସଂପର୍କରେ କୃଷି ଅଧିକାରୀମାନେ କହିଛନ୍ତି । ବର୍ଷ ପାଣି ଛିଡା ହୋଇ ରହିଥିବାରୁ ଚିନାବାଦାମ, ଆଳୁ, ମୁଗ, ବିରି ଫସଲର କ୍ଷତି ଘଟିବା ସଂପର୍କରେ ମଧ୍ୟ କୁହାଯାଇଛି ।

# ପିଆଇବି ପକ୍ଷରୁ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ'

ବାଲେଶ୍ୱର,୨୨/୦୩ (ନି.ପ୍ର): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ଶାଖା ପକ୍ଷରୁ ଅଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ' ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଆଇବିର ମିଡିଆ ଏବଂ ଯୋଗାଯୋଗ ଅଧିକାରୀ ତଥା 'ବାର୍ତ୍ତାଲପ'ର ନୋଡାଲ ଅଫିସର ପି କେ ଚୌଧୁରୀ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ ସହ ଏହିଭଳି



ସୁଦୂରପ୍ରସାରୀ କାର୍ଯ୍ୟକ୍ରମ ଆୟୋଜନ ଜିଲା ପାଇଁ ଗୌରବର ବିଷୟ ହୋଇଛି। ଯେ କୌଣସି ଯୋଜନା କାର୍ଯ୍ୟକାରିତାରେ ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ହିଁ ଜନସାଧାରଣଙ୍କୁ ସଚେତନ କରିବାରେ ମୁଖ୍ୟ ଆୟୁଧ ହୋଇଥାଏ ବୋଲି ସେ ମତ ପ୍ରକାଶ କରିଥିଲେ। ଡେପୁଟି ପ୍ରେସ ରେଜିଷ୍ଟ୍ରାର ତଥା ଭାରତ ସରକାରଙ୍କ 'ଆରଏନଆଇ' ଆଞ୍ଚଳିକ ଅଧିକାରୀ ଡ. ଗିରୀଶ ଚନ୍ଦ୍ର ଦାଶ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିକଶିତ ଯୋଗାଯୋଗ ବ୍ୟବସ୍ଥାରେ ସୂଚନା ପ୍ରଦାନର ଧାରା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ତେବେ ପ୍ରତ୍ୟେକ ସୂଚନାକୁ ଭାବନାତ୍ମକ ଢଙ୍ଗରେ ପ୍ରଦାନ କରାଗଲେ ଏହା ଅଧିକ ଗ୍ରହଣୀୟ ହୋଇଥାଏ ବୋଲି ସେ କହିଥିଲେ। ମୋଟ ଉପରେ ସୂଚନା ଓ ଆବେଗର ମିଶ୍ରଣ ହିଁ ଜନ ସଚେତନତା ଉଦ୍ୟମକୁ ଫଳପ୍ରଦ କରାଇଥାଏ ବୋଲି ଡ. ଦାଶ ମତ ପ୍ରକାଶ କରିଥିଲେ। ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ବରିଷ୍ଠ ସାମ୍ବାଦିକ ଶିଶିର କୁମାର ଦାଶ, ଜିଲ୍ଲା କୃଷି ଅଧିକାରୀ ସରୋଜ କୁମାର ମହାପାତ୍ର, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ସମୀର ଚନ୍ଦ୍ର ଦେ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଲିଡ ବ୍ୟାଙ୍କ ମ୍ୟାନେଜର ବିଶ୍ୱନାଥ ଶତପଥୀ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ପ୍ରଚାର ପ୍ରସାରରେ ଗଣମାଧ୍ୟମର ଭୂମିକା ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ।

# ଓଡ଼ିଶା ବିଜେପି ବାରମ୍ୱାର ମିଛ କହି ଚାଲିଛି : ବିଜେଡି

ଭୁବନେଶ୍ୱର, ୨୨/୦୩ (ନି.ପ୍ର): ଓଡ଼ିଶାରେ ବିରୋଧୀଦଳ ବିଜେପି ବାରମ୍ବାର ମିଛ କହି ଚାଲିଛି। ମିଛର ଆଶ୍ରୟ ନେଇ ବିରୋଧୀଦଳ ନେତା ଓଡ଼ିଶାବାସୀଙ୍କୁ ଅପମାନିତ କରୁଛନ୍ତି। କିନ୍ତୁ ମିଛକୁ ରଣନୀତି କରି ବିରୋଧୀଦଳ କେବେବି ଲୋକଙ୍କ ଭରସା ଜିତି ପାରିବ ନାହିଁ। ଆଜି ବିରୋଧୀଦଳ ନେତା ଜୟନାରାୟଣ ମିଶ୍ରଙ୍କ ମନ୍ତବ୍ୟର ଏଭଳି ଜବାବ ଦେଇଛନ୍ତି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି , ଜୟନାରାୟଣ ମିଶ୍ର ବିରୋଧୀଦଳ ନେତା ନୁହନ୍ତି, ସେ ଜଣେ ଓଡ଼ିଶା ବିରୋଧୀ ନେତା। ସେ ଯେଉଁଭଳି ଟିପ୍ପଣି ଦେଉଛନ୍ତି, ଏଥିରୁ ସ୍ପଷ୍ଟ ଯେ ଜଣେ ଓଡ଼ିଆ ହୋଇ ମଧ ସେ ଓଡ଼ିଶାର ଉନ୍ନତି ଚାହାନ୍ତି ନାହିଁ। ଓଡ଼ିଶାବାସୀଙ୍କ ପ୍ରତି ତାଙ୍କର କୌଣସି ଦରଦ ନାହିଁ। ବିଧାନସଭା ଭିତରେ ହେଉ କି ବାହାରେ; ସଦାବେଳେ କେବଳ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ସେ ମନ୍ତବ୍ୟ ଦିଅନ୍ତି ଏବଂ ଓଡ଼ିଶାକୁ ନିଂଦିତ କରିବାର କୌଣସି ସୁଯୋଗ ହାତଛଡ଼ା କରନ୍ତି ନାହିଁ। ମିଛ କେବେବି ଏକ ସୁସ୍ଥ ବିରୋଧୀଦଳର ରଣନୀତି ହୋଇପାରିବ ନାହିଁ। ବିରୋଧୀଦଳ ନେତା ହେଉଛନ୍ତି ଓଡ଼ିଶାରେ ଅରାଜକତାର ପ୍ରତୀକ। ଆଇନର ଫାଶରୁ ମୁକୁଳିବା ପାଇଁ ସେ କେବଳ କାର୍ଯ୍ୟାନୁଷ୍ଠାନକୁ ବିଳମ୍ବ କରିବାର କୌଶଳ ଆପଣେଇଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି

ବାଲେଶ୍ୱର, ୨୨/୦୩ (ନି.ପ୍ର): ଆସନ୍ତା ୮୮ତମ ଓଡିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଦଭାବନା ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଏସପି ସାଗରିକା ନାଥ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବାଲେଶ୍ୱର ଉପ-ଜିଲାପାଳ କୁନାଲ ମୋତିରାମ ଚୌହାନ, ପୌରାଧକ୍ଷା ସବିତା ସାହୁ, ଜିଲାମୁଖ୍ୟ ଚିକିତ୍ସାଧିକାରୀ ଦୁଲାଲ ସେନ ଜଗଦ୍ଦେବ ପ୍ରମୁଖ ଏଥିରେ ଯୋଗଦେଇ ଆସନ୍ତା ଏପ୍ରିଲ ୧ ତାରିଖରେ ପାଳିତ ହେବାକୁ ଯାଉଥିବା ଜିଲାସ୍ତରୀୟ ଓଡ଼ିଶା ଦିବସକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ମତାମତ ଦେଇଥିଲେ। ପ୍ରତ୍ୟୁଷରୁ ସହରାଞ୍ଚଳରେ ବନ୍ଦେ ଉତ୍କଳ ଜନନୀ ଏବଂ ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ରଚିତ ଭାଷା ବନ୍ଦନା ସଙ୍ଗୀତ ପରିବେଷଣ କରାଯିବ। ୭ଘଟିକା ସମୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେବ। ପରେ ସହରର ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିବେ। ଉତ୍କଳ ଦିବସରେ ରକ୍ତଦାନ ଶିବିର ଆୟୋଜନ ଏବଂ ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯିବ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି ଅବସରରେ ଗାନ୍ଧୀ ସ୍ମୃତି ଭବନରେ ଫଟୋଚିତ୍ର ପ୍ରଦର୍ଶନୀ ଓ ପୁସ୍ତକ ମେଳାର ଆୟୋଜନ କରାଯିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପବିତ୍ର ଓଡ଼ିଶା ଦିବସ ପାଳନ ଅବସରରେ ଚାରୁ ଓ କାରୁ କଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ ସହ ଶ୍ରେଷ୍ଠ ବିବେଚିତ ଚିତ୍ରଗୁଡ଼ିକୁ ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ପ୍ରଦଶିତ ହେବ।

## ଯୁଥ ସୋସିଆଲ ୱାର୍କର ସଂଗଠନ ଦ୍ୱାରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ

ଜଳେଶ୍ୱର, ୨୨/୩(ନି.ପ୍ର): ବିଭିନ୍ନ ରୋଗ କବଳରୁ ମୁକ୍ତ ରଖିବା ପାଇଁ ଆଜି ପଶ୍ଚିମବାର୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବାଘମାରି ସ୍ଥିତ ଯୁଥ ସୋସିଆଲ ସଂଗଠନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସଂଗଠନର ପୁର୍ଣ୍ଣିମା ସାହୁ, ମିନତୀ ହାଁସଦା, ଜୟଦେବ ରାଉତ, ଅରବିନ୍ଦ ସାହୁ, ରାମଜିତ୍ ଟୁଡୁ, ଜଗବଂଧୁ ଜେନା, ସପନ କୁମାର ରାଉତ, ଚନ୍ଦନ କୁମାର ଜେନା, ବଂକିମ ସାହୁ, ରବିନ୍ଦ୍ର ଜେନା, ହିତେଶ ବେହେରା ପ୍ରମୁଖ ଏଥିରେ ଭାଗ ନେଇଥିଲେ । ଡା. ବ୍ରଜମୋହନ ପାତ୍ର, ସଂଜିବ କୁମାର ପଣ୍ଡା, ଫାର୍ମସିଷ୍ଟ ସୁଜୟ ଦାସ, ଜଗନ୍ନାଥ ପାତ୍ର, ଅଳକା ଦାସ, ପରିମଳ ପାତ୍ର, ପ୍ରଦୋଶ କୁମାର ଚାନ୍ଦ, ନମିତା ସାହୁ ପ୍ରମୁଖ ସହାୟତା କରିଥିଲେ ।

# 'ଆମ ସଂସ୍କୃତି ବିକାଶ ମଂଚ' ଶ୍ୟାମସୁନ୍ଦରପୁର ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

ନୀଳଗିରି, ୨୨/୦୩ (ନି.ପ୍ର): ନୀଳଗିରି ଥାନା ଅଧିନସ୍ଥ ଶ୍ୟାମସୁନ୍ଦରପୁର ଗ୍ରାମରେ ଆମ ସଂସ୍କୃତି ବିକାଶ ମଂଚ ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ମହାସମାରୋହରେ ପାଳନ କରାଯାଇଅଛି । ଜୟନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉପଲକ୍ଷେ ଏକ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିଶିର ମହାପାତ୍ର ଫାଉଣ୍ଡେସନ ର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର ଯୋଗଦେଇ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷକୁ ଭୁଲି ଇଂରାଜୀ ନବବର୍ଷକୁ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଉଥିବା ବେଳେ ଆଜିର ସମାଜର ଲୋକମାନେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ବାଳନକୁ ନିଜ ମାନସପଟରୁ ଭୁଲିଯାଇଥିବା ବେଳେ ଶ୍ୟାମସୁନ୍ଦରପୁରର ଆମ ସଂସ୍କୃତି ବିକାଶ ମଂଚ ରାଷ୍ଟ୍ରୀୟ ନବବର୍ଷ କୁ ଅତି ଆଡ଼ମ୍ବର ପୂର୍ଣ୍ଣ ଭାବେ ପାଳନ କରୁଥିବାରୁ ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ



ଡ. ଅକ୍ଷୟ କୁମାର ପାଣିଗ୍ରାହୀ ନିଜର ରାଷ୍ଟ୍ରିୟ ହିନ୍ଦୁ ନବବର୍ଷକୁ ପଛରେ ପକାଇ ଇଂରାଜୀ ନବବର୍ଷକୁ ଧୁମଧାମରେ ପାଳନ କରିବା ଦୁଃଖ ଓ ପରିତାପର ବିଷୟ ହୋଇଥିବା ବେଳେ ବିକାଶମଂଚ କୁ ଭୂୟସୀ ପ୍ରଶଂସା କରିଥିଷଲ । ସମ୍ମାନୀତ ଅତିଥି ଭାବେ ଅଜିତ ପାଣିଗ୍ରାହୀ ମଧ ଉପସ୍ଥିତ ଥିଲେ । ମନୋଜ କୁମାର ବିଶ୍ୱାଳ ମଂଚ ପରିଚାଳନା କରିଥିଲେ। ସଭାକାର୍ଯ୍ୟ ସମାପ୍ତି ପରେ ୧୦୧ ବାଇକ ଗେରୁଆ ପତାକା ଧାରଣ କରି ସମଗ୍ର ଶ୍ୟାମସୁନ୍ଦରପୁର ପଂଚାୟତ ପରିକ୍ରମା କରିଥିଲେ। ଏତଦ୍‌ସହିତ ପାଂଚ ଶହ ରୁ ଅଧିକ ଲୋକଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା । ବିକାଶ ମଂଚର ସଂପାଦକ ଚିତରଂଜନ ବିଶ୍ୱାଳ, ସଂଗଠନ ସଂପାଦକ ଜ୍ଞାନ ରଂଜନ ଜେନା, ସଂଗଠନର ଆବାହକ ମୁକ୍ତିକାନ୍ତ ବାରିକ, ସହ ସଂପାଦକ ରାଧାମାଧବ ଜେନା, ସଦସ୍ୟ ବୃନ୍ଦାବନ ବାରିକ, କୈଳାସ ରାଉତ, ରାଜା ରାଉତ, ସନାତନ ପାତ୍ର, ରାଜା ପଣ୍ଡା, ପରମାନନ୍ଦ ସାମଲ, ରାଜକିଶୋର ସ୍ୱାଇଁ ଶଶିକାନ୍ତ ବାରିକ, ବୁଲୁ ବାରିକ, ସୌମ୍ୟରଂଜନ ଜେନା, ଗୌରମାଧବ ଜେନା, ମଧୁ ମାଧବଜେନା ପ୍ରମୁଖ ସହଯୋଗ କରିଥିଲେ ।

## ବିଶ୍ୱ ପାଣିପାଗ ଦିବସରେ ସ୍ୱତନ୍ତ୍ର ପ୍ରଦର୍ଶନୀ ଆଜି

ଭୁବନେଶ୍ୱର, ୨୨/୦୩ (ନି.ପ୍ର): ଆସନ୍ତାକାଲି (ଗୁରୁବାର) ବିଶ୍ୱ ପାଣିପାଗ ଦିବସ ପାଳନ ଅବସରରେ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପରିସରରେ ଏକ ପ୍ରଦର୍ଶନୀ ଆୟୋଜିତ ହେବ। ପାଣିପାଗ ବିଜ୍ଞାନ କେନ୍ଦ୍ରର କର୍ମଚାରୀ ମାନଙ୍କ ଦ୍ୱାରା ପାଣିପାଗ ସମ୍ବନ୍ଧୀୟ ପର୍ଯ୍ୟବେକ୍ଷଣ ଯନ୍ତ୍ର, ପାଣିପାଗ ଆକଳନ, ତଥା ଗ୍ରହଣ ହେଉଥିବା ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଛି।

# ଉତ୍ତର ଓଡ଼ିଶା ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ପ୍ରତୀକ କୁମାର ଚାଟର ହେଲେ ମିଷ୍ଟର ନର୍ଥ ଓଡ଼ିଶା

ବାରିପଦା, ୨୨/୦୩ (ନି.ପ୍ର): ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ରବିବାର ଉତର ଓଡ଼ିଶା ପୁରୁଷ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସୁନ୍ଦର ସ୍ୱାସ୍ଥ୍ୟ ପ୍ରତି ଯୁବଗୋଷ୍ଠୀଙ୍କୁ ଅନୁପ୍ରାଣିତ କରିବା ଲକ୍ଷ୍ୟ ନେଇ ୨୪-୭ ଫିଟନେସ ପାର୍କ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାକୁ ଜିଲ୍ଲା ସତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି ଓ ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମୋଟ ୩୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ



କରିଥିଲେ । ମୟୁରଭଂଜ ଜିଲ୍ଲାର ପ୍ରତୀକ କୁମାର ଚାଟର ଚ୍ୟାମ୍ପିୟାନ ହେବା ସହ ମିଷ୍ଟର ନର୍ଥ ଓଡ଼ିଶା ପଦକ ହାସଲ କରିଛନ୍ତି । ଏଥି ସହିତ ରନର୍ସ ଅଫ ଭାବେ ବ୍ରହ୍ମପୁରର ଚନ୍ଦନ କୁମାର ପାଣିଗ୍ରାହୀ ପୁରସ୍କୃତ ହୋଇଛନ୍ତି । ନୂତନ ପ୍ରତିଭାକୁ ଆଗକୁ ଆଣିବା ପାଇଁ ଏହିପରି ପ୍ରକାର କାର୍ଯ୍ୟକ୍ରମରେ ଜିଲ୍ଲାରେ ଜାରି ରହିବ ବୋଲି ପରିଚାଳନା କମିଟି ପକ୍ଷରୁ କୁହାଯାଇଛି । ପ୍ରତିଯୋଗିତାକୁ କୁଆଁର ମାରାଣ୍ଡି ପରିଚାଳନା କରିଥିବା ବେଳେ ଅଜୟ କୁମାର ସାହୁ, ପ୍ରସୁଲ୍ୟ ରଣା, ବାପୁ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଉଦ୍‌ଘାଟିତ ହେଲା ପଂଚଲିଙ୍ଗେଶ୍ୱର ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ନୀଳଗିରି, ୨୨/୦୩ (ନି.ପ୍ର): ମହୋତ୍ସବ ସଂସ୍କୃତିର ଐତିହ ଗାଏ, ମହୋତ୍ସବ ଗୋଟିଏ ମାଟିର ପ୍ରତିଭାମାନଙ୍କୁ ଚିହ୍ନଟ କରେ । ମହୋତ୍ସବ ମାଧମରେ ଅତୀତର ସ୍ମୃତି ଉଜାରିତ ହୁଏ। ଏହା ବ୍ୟକ୍ତିର ବ୍ୟକ୍ତିତ୍ୱକୁ ବଖାଣେ । ସଂସ୍କୃତି, ପରମ୍ପରା, ଋଳିଚଳଣର ଉତ୍ସବ ମହୋତ୍ସବ ଭାଇଚାରାର ସମୃଦ୍ଧି ପଛରେ ମହୋତ୍ସବ ହେଉଛି ମାର୍ଗଦର୍ଶକ ବୋଲି ମୁଖ୍ୟ ଅତିଥି ନୀଳଗିରି ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ ନିଜ ଅଭିଭାଷଣରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ସମାଜର ଉତର ଓଡ଼ିଶା ମୁଖ୍ୟ କୁଳମଣି ବାରିକ ମଂଚାସୀନ ରହି ମହୋତ୍ସବ ଭାଇଚାରା ସୃଷ୍ଟି କରି ସମାଜକୁ ଦିଗଦର୍ଶନ



ଦେଇଥାଏ ବୋଲି କହିଥିଲେ । ବରେଣ୍ୟ ଅତିଥି ଭାବେ ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ସମାଜ ସେବୀ ସବ୍ୟସାଚୀ ମହାପାତ୍ର, ବାଲେଶ୍ୱର ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ୨ନଂ. ଜୋନ୍ ପୂର୍ବତନଜିଲ୍ଲା ପରିଷଦ ଶୁଭେନ୍ଦୁ ଶେଖର ଜେନା, ମଂଚାସୀନ ରହି ନିଜର ବକ୍ତବ୍ୟ ରଖିବା ସହ ସେମାନଙ୍କର ଉପସ୍ଥିତି ମହୋତ୍ସବକୁ ଦ୍ୱିଗୁଣିତ କରିଥିଲା । ମହୋତ୍ସବର ସଭାପତି ଦୀପକ ରଂଜନ ଦାସ ସଭାପତିତ୍ୱ କରିଥିବା ବେଳେ କମିଟିର ଉପଦେଷ୍ଟା ଡ. ଅକ୍ଷୟ କୁମାର ପାଣିଗ୍ରାହୀ ମଂଚ ପରିଚାଳନା କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଥିବା ବେଳେ କମିଟିର କୋଷାଧକ୍ଷ ସୌମ୍ୟରଂଜନ ଜେନା, ସଂପାଦକ ବିବେଶ କୁମାର ସ ଙ୍କ ସମେତ ବିଶ୍ୱନାଥ ଜେନା, ସୋମନାଥ ନାୟକ, ବଳରାମ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବେହେରା, ମଧୁମାଧବ ଜେନା, ପ୍ରଭାତ କୁମାର ପାଢ଼ୀ, ଜୟନ୍ତ କୁମାର ବେହେରା, କମଳାକାନ୍ତ ମହାନ୍ତି, ବସନ୍ତ ରାଉଳ, ଜ୍ୟୋର୍ତିମୟ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଏହି ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଶାର ବହୁ ଆଗଧାଡ଼ିର କଳାକାର ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରି ଦର୍ଶକଙ୍କ ମନମୋହିଥିଲେ।

# ସାଳନ୍ଦୀ ବିକାଶ ମଞ୍ଚ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳନ

ଭଦ୍ରକ, ୨୨/୦୩ (ନି.ପ୍ର): ୟୁନାଇଟେଡ଼ ଅରଗାନାଇଜେସନ୍ ତରଫରୁ 'ବିଶ୍ୱ ଜଳ ଦିବସ' ସଂସ୍କୃତି ଭବନରେ ପାଳନ କରାଯାଇଛି। ଏହା "ସାଳନ୍ଦୀ ବିକାଶ ମଞ୍ଚ", ବ୍ରାହ୍ମଣୀ ବର୍ଚ୍ଚଓ ଅଭିଯାନ ଏବଂ ରିସର୍ଚ୍ଚଙ୍କ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ମିଳିତ ଭାବରେ ସୂଚାରୁ ରୂପେ ସମ୍ପନ୍ନ କରିଛନ୍ତି। ଏଥିରେ ଭଦ୍ରକ ଜିଲ୍ଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ମହିଳା ସଂଗଠନର ସାଥୀଗଣ, ଋଷୀ, ମତ୍ସ୍ୟଜୀବୀ, ସାମାଜିକ କର୍ମୀ, ପ୍ରେସ୍ ଆଦି ଯୋଗ ଦେଇଥିଲେ। ଏଠାରେ ଏଇ ବର୍ଷ ଜଳଦିବସ ର ବିଷୟ 'ତ୍ୱରାନିତ ପରିବର୍ତ୍ତନ ଜଳହିଁ ଜୀବନ" ଉପରେ ବିଭିନ୍ନ ବକ୍ତା ଆଲୋଚନା କରିଥିଲେ। ସାଳନ୍ଦୀ ବିକାଶ ମଞ୍ଚର "ପ୍ରତାପ ପାଢ଼ୀ" ତାଙ୍କ ବକ୍ତବ୍ୟରେ ନଦୀରେ ପ୍ରଦୂଷଣ ବଢ଼ୁଛି ଏବଂ



ପାଣିର ସ୍ତର କମୁଛି ଯଦ୍ୱାରା ଏକର ଏକର ଜମି ଋଷ ହୋଇପାରୁନାହିଁ, ସେଥିପାଇଁ କିଛି ପଦକ୍ଷପ ନନେଲେ ଆଗକୁ ସ୍ଥିତି ସଙ୍କଟାପୂର୍ଣ୍ଣ ହେବ। ବୈତରଣୀ ବଞ୍ଚାଅ ଅଭିଯାନର ସଦସ୍ୟ ବିଶ୍ୱକେଶରୀ ମହାନ୍ତି ତାଙ୍କ ବକ୍ତବ୍ୟ ରେ କହିଲେ "ପାଣିରେ ଧାତୁଦ୍ରବ୍ୟ ଓ ଲବଣ ଅଂଶ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ କମ୍ପାନୀ ର କାମ ଏବଂ ଚିଙ୍ଗୁଡ଼ି ଘେରି ଯୋଗୁ ପରିବେଶ ପ୍ରଦୂଷିତ ହେଉଛି ଏବଂ ନଦୀର ପାଣି ବିଷାକ୍ତ ହେଉଛି ଯଦ୍ୱାରା ଜଳଜୀବ ବିଲୁପ୍ତ ହେବାକୁ ବସିଲାଣି। ମାଛ ଖାଇବା ଏବଂ ନିରାପଦ ନୁହଁ ଏବଂ ଲୋକଙ୍କ ଭିତରେ ବିଭିନ୍ନ ପ୍ରକାରର ଜଳଜନିତ ରୋଗ ଦୃଷ୍ଟିଗୋଚର ହେଉଛି। ସେଣ୍ଟର ଫର ଆକ୍ସନ ଡକ୍ଟର ବ୍ରତିନ୍ଦୀ ଜେନା କହିଥିଲେ ଯେ ଜଳ ସଙ୍କଟ କେବଳ ଭାରତରେ ନୁହଁ ବିଶ୍ୱସ୍ତର ରେ ଦେଖାଯାଉଛି। ଯାହାକୁ ରୋକିବା ପାଇଁ ନିଆଯିବା ପଦକ୍ଷେପକୁ ତ୍ୱରାନିତ କରିବାକୁ ପଡ଼ିବ। ତେବେ ହିଁ ଜଳ ଓ ନଦୀ ସମ୍ପୂର୍ଣ୍ଣ ଜୀବଜଗତର ବଞ୍ଚିବା ପାଇଁ ବା ଜୀବିତ ରଖିବା ପାଇଁ ଉପଯୁକ୍ତ ହୋଇପାରିବ। ଏହି ସଭାରେ ବାରୁଅ ଗ୍ରାମପଞ୍ଚାୟତର ସରପଞ୍ଚ ଉଦ୍ଧବ ନାୟକ ଉପସ୍ଥିତ ଥିଲେ ନିରଞ୍ଜନ ବିଶ୍ୱାଳ, କମଳାକାନ୍ତ ସ୍ୱାଇଁ, ଇଞ୍ଜିନିୟର କମଳାକାନ୍ତ ବେହେରା, ଉଦ୍ଧବ ଚରଣ ନାୟକ ନିଜର ବକ୍ତବ୍ୟ ରଖିଲେ। ଶେଷରେ ସଭାର ଅଧକ୍ଷା ଲୋପାମୁଦ୍ରା ମହାନ୍ତି ମହୋଦୟା ଆଜିର ସମୟରେ ନଦୀ ଏବଂ ଜଳସ୍ରୋତର ପ୍ରାଧାନ୍ୟ ବିଷୟରେ ଏବଂ ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ସମସ୍ତଙ୍କୁ ଏକଜୁଟ ହୋଇ କାମ କରିବାର ଆବଶ୍ୟକତା ରହିଛି। ଏଥିରେ ଭଦ୍ରକର ସମସ୍ତ ନଦୀ, ଉପନଦୀ ଏବଂ ଜଳସ୍ରୋତ ର ସୁରକ୍ଷା ପାଇଁ କାମ କରିବାର ପ୍ରାଧାନ୍ୟ ଆସିଯାଉଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo